## ସଂକ୍ଷେପରେ

### ଅଣକା ପଞ୍ଚାୟତର ଭତ୍ତା ସମସ୍ୟା ଦୂର ହେବ

**ବଡ଼ଚଣା,୧।୧୦(ଦିଲୀପ ମହାନ୍ତି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କ ସମସ୍ୟା ଦୂର ହେବ ବୋଲି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ୬ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ହେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଡିଓ ପ୍ରଧାନ ଜିଆର୍‌ଏସ୍‌ଙ୍କୁ ଡକାଇ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଆର୍‌ଏସ୍ ସନ୍ତୋଷ ପରିଡ଼ା ଆସନ୍ତା ୧୧ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି କେଉଁ ହିତାଧିକାରୀ କେତେ ମାସର ଭତ୍ତା ପାଇନାହାନ୍ତି ତାହା ତଦାରଖ କରିବେ। ଯାହା ସମସ୍ୟା ଥିବ ସେ ବିଷୟରେ ଅନୁଧ୍ୟାନ କରି ସେହି ଦିନ ସମାଧାନ କରିବେ। ତେଣୁ ଯେଉଁ ହିତାଧିକାରୀଙ୍କ ସମସ୍ୟା ରହିଛି ସେମାନେ ଉକ୍ତଦିନ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ଜିଆର୍‌ଏସ୍‌ଙ୍କୁ ସମସ୍ୟା ଜଣାଇବାକୁ କୁହାଯାଇଛି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ



**ରସୁଲପୁର,୧।୧୦(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ମାଣତୀର ଗ୍ରାମର ଆଦର୍ଶ ଶିକ୍ଷକ ବିଦ୍ୟାଧର ପଣ୍ଡାଙ୍କ ୭୭ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରବିବାର ସକାଳ ୭ଟାରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମରଶରୀରକୁ ସ୍ଥାନୀୟ ଅଞ୍ଚଳରେ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଛି। ବିଦ୍ୟାଧର ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ପରୋପକାରୀ, ସାମାଜିକ କର୍ମୀ ଭାବରେ ଜଣାଶୁଣା ଥିଲେ। ସେ ଚାକିରିରୁ ଅବସର ଗ୍ରହଣ କରିବା ପରେ ସାଧାରଣ ଲୋକଙ୍କ ସେବା କରିବାକୁ ଏକ ଅଭିନବ ଉପାୟ ଆପଣାଇଥିଲେ। ବାରବାଟୀସ୍ଥିତ ୟୁକୋ ବ୍ୟାଙ୍କକୁ ଆସୁଥିବା ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରୁଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। ତାଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ଡ୍ରୋନ କ୍ୟାମେରାରେ ହେବ ଲୁଟ୍‌ର ଆକଳନ

### ମାଣ୍ଡୁକା ପାହାଡ଼ରେ ବେଆଇନ ଖନନ ପ୍ରସଙ୍ଗ

**ଚଣ୍ଡିଖୋଲ,୧।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନରେ ଥିବା ମାଣ୍ଡୁକା ପାହାଡ଼ରେ ବେଆଇନ ଲୁଟ୍ ଘଟଣାକୁ ନେଇ ଡେରିରେ ପ୍ରଶାସନର ଚେତା ପଶିଛି। ସରକାରୀ ଭାବେ ଅନୁମୋଦିତ ଲିଜ୍ ଏରିଆ ବାହାରୁ ବିପୁଳ ଟଙ୍କାର ଲଘୁ ଖଣିଜ ଲୁଟ ହୋଇଥିବା ଜଣାପଡ଼ିବା ପରେ ତହସିଲ ଓ ଖଣି ବିଭାଗ କର୍ମଚାରୀ ଆସି ତଦନ୍ତ କରିଥିଲେ। ତେବେ ପାହାଡ଼ରେ ମାପଚୁପ କରି କେତେ ପରିମାଣର ମୋରମ, ବୋଲଡର ଲୁଟ୍ ହୋଇଛି ତାହାର ଆକଳନ ସମ୍ଭବ ନ ହେବାରୁ ଡ୍ରୋନ କ୍ୟାମେରା ସାହାଯ୍ୟରେ ସର୍ବେକ୍ଷଣ କରାଯିବାକୁ ସ୍ଥିର କରାଯାଇଛି। ଡ୍ରୋନ ଦ୍ୱାରା ଆକଳନ ପାଇଁ ତହସିଲ ପକ୍ଷରୁ ବିଭିନ୍ନ ସଂସ୍ଥାଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଅନ୍ୟପକ୍ଷରେ ଏହି ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିଛି। ପାହାଡ଼ର ବିଭିନ୍ନ ସ୍ଥାନରୁ ବେଧଡ଼କ ଲଘୁ ଖଣିଜ କିଛି ବର୍ଷ ହେବ ଲୁଟ ଚାଲିଛି। ଦୈନିକ ଶହେରୁ ଊର୍ଦ୍ଧ୍ୱ ଟ୍ରକ ଯୋଗେ ମୋରମ ଓ ବୋଲଡର ଲୁଟ୍ ହେଉଛି। ହେଲେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଜୁଲାଇ ୩ ତାରିଖରେ ଦର୍ପଣ ତହସିଲ ଓ ସ୍ଥାନୀୟ ପୋଲିସ



ମାଣ୍ଡୁକା ପାହାଡ଼।

ମିଳିତ ଭାବେ ଏଠାରେ ଚଢ଼ାଉ କରି ୬ ଟ୍ରକ୍ ଓ ଗୋଟିଏ ଜେସିବି ମେଶିନ ଜବତ କରିବାପରେ ପ୍ରଶାସନ ଲୁଟ ହୋଇଥିବା ଲଘୁ ଖଣିଜ ଆକଳନ କରିବାକୁ ଅଣ୍ଟା ଭିଡିଛି। ତେବେ ଦୀର୍ଘଦିନ ହେବ ଲୁଟ ଚାଲିଥିବାବେଳେ କେଉଁ ଆଧାରରେ ଡ୍ରୋନ ଦ୍ୱାରା ସର୍ବେକ୍ଷଣ କରି ପରିମାଣସ୍ଥିର କରାଯିବ ତାହା ମଧ୍ୟ ଏକ ବଡ଼ପ୍ରଶ୍ନ। ଅପରପକ୍ଷରେ ଲିଜ ସୂତ୍ରରେ ଦିଆଯାଇଥିବାସ୍ଥାନରୁ କିଛି ମିଟର ଦୂରରେ ଏଭଳି ଲୁଟ ଚାଲିଥିଲେ ମଧ୍ୟ କାହିଁକି କାହାରି ପ୍ରତିବାଦ ନ ଥିଲା।

ଏହି ଖାଦାନକୁ ୨୦୨୧ରେ ପରିବେଶ ମଞ୍ଜୁରୀ ମିଳିବା ଓ ପରିବେଶ ମଞ୍ଜୁରୀ ହସ୍ତାନ୍ତର ସମୟରେ ଲିଜ ଏରିଆ ୧୨ ଏକର ପରିମିତ ସ୍ଥାନରେ ପ୍ରତି ଚାରିଫୁଟ ଅନ୍ତରରେ ଏକ ମିଟର ଲମ୍ବ ଲେଖାଏ ସିମେଣ୍ଟ ଖୁଣ୍ଟ ପୋତି ଲିଜ ଏରିଆ ଚିହ୍ନଟ କରାଯିବା କଥା। ମାତ୍ର ଆଜି ଯାଏ ଲିଜ ଏରିଆ ଚିହ୍ନଟ ହୋଇପାରିନାହିଁ କି ଖୁଣ୍ଟନାହିଁ। ଦୁଇବର୍ଷ ହେବ ଖନନ ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ଆଜି ଯାଏ ତହସିଲ ପକ୍ଷରୁ ଲିଜ ସ୍ଥାନ କେତେ ତାହା ଚିହ୍ନଟ ହୋଇପାରୁନାହିଁ। ଜୁଲାଇ ୩ରେ ଚଢ଼ାଉ ସମୟରେ ଲିଜ ଏରିଆ ବାହାରୁ ହଜାରହଜାର ଘନ ମିଟର ମୋରମ ଲୁଟ ହୋଇଥିବା ଜଣାପଡିଥିଲା। ଏନେଇ ଦର୍ପଣ ତହସିଲଦାର ବାଲିଚନ୍ଦ୍ରପୁର ଥାନାରେ ଏତଲା ଦେଇଥିଲେ। ତେବେ ଏହି ଘଟଣା ପରେ ତହସିଲ ଓ ଖଣି ବିଭାଗ ଅଧିକାରୀ ମିଳିତ ଭାବେ ଲୁଟ ହୋଇଥିବା ଖଣିଜ ପରିମାଣ ଆକଳନ ପାଇଁ ଘଟଣାସ୍ଥଳକୁ ଯାଇଥିଲେ। ମାତ୍ର ପାହାଡ଼ର ଉଚ୍ଚାନିଚା ସ୍ଥାନରେ ମାପଚୁପ ଦ୍ୱାରା ଲୁଟ ପରିମାଣ ସ୍ଥିର ହୋଇପାରି ନ ଥିଲା। ଯାହା ପାଇଁ ଡ୍ରୋନ ସାହାଯ୍ୟରେ ଲୁଟ୍ ପରିମାଣ ଆକଳନ କରାଯିବ ବୋଲି ସ୍ଥିର କରାଯାଇଛି। ତେବେ ଲିଜ ହୋଇଥିବା ଖାଦାନରୁ କେତେ ପରିମାଣର ଉତ୍ତୋଳନ ହେଉଛି। ପ୍ରତିମାସରେ ସ୍ଥାନୀୟ ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ତାହାର ମାପଚୁପ କରି ତହସିଲ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଥାନ୍ତି। ତଦାରଖ ସମୟରେ ଲିଜ ଏରିଆ ବାହାରେ ଏତେ ପରିମାଣର ମୋରମ ବୋଲଡର ବେଆଇନ ଭାବେ ଲୁଟ ହେଉଥିବା ରାଜସ୍ୱ ନିରୀକ୍ଷକ କିପରି ଜାଣି ପାରିଲେନାହିଁ। କୌଣସି ମାସରେ ରାଜସ୍ୱ ନିରୀକ୍ଷକ ଏନେଇ ଅଭିଯୋଗ ମଧ୍ୟ କରିନାହାନ୍ତି। ଦୈନନ୍ଦିନ ପାହାଡ଼ରୁ ଶହଶହ ସଂଖ୍ୟାରେ ମୋରମ ବୋଝେଇ ଟ୍ରକ୍ ବିଭିନ୍ନସ୍ଥାନକୁ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ପୋଲିସ, ତହସିଲ ବନବିଭାଗ ଓ ଖଣି ବିଭାଗ କେବେ କାର୍ଯ୍ୟାନୁଷ୍ଠାନ ନେବାର ନଜିର ମଧ୍ୟ ନାହିଁ। ଏପରିସ୍ଥଳେ ଦୀର୍ଘ ବର୍ଷ ଧରି ବେଆଇନ ଖାଦାନ ଚାଲୁଥିବାବେଳେ କେଉଁ ଆଧାରରେ ଡ୍ରୋନ ଦ୍ୱାରା ସର୍ବେକ୍ଷଣ କରି ଲୁଟ ପରିମାଣ ସ୍ଥିର କରାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଡ୍ରୋନ ସାହାଯ୍ୟରେ ମାପ ଚୁପ କରାଯିବ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ଭୂମିପୂଜନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବଡ଼ଚଣା,୧।୧୦(ଦିଲୀପ ମହାନ୍ତି):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଚଣ୍ଡିଖୋଲ ଶାଖା ପାଇଁ ନୂତନ ଗୃହ ଚଣ୍ଡିଖୋଲଠାରେ ନିର୍ମାଣ କରାଯିବ। ଏନେଇ ଭୂମିପୂଜନ ଉତ୍ସବ କଟକ ଉପକ୍ଷେତ୍ରୀୟ ସଞ୍ଚାଳିକା ବ୍ରହ୍ମାକୁମାରୀ କମଳେଶ ଦିଦିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାର ସରୋଜ ଘାଇଙ୍କ ସଞ୍ଚାଳନାରେ ଆୟୋଜିତ ଉତ୍ସବରେ କମଳେସ ଦିଦି କହିଥିଲେ, ଏହି ଗୃହଟି ଓଁ ଜ୍ୟୋତି ଦର୍ଶନ ଭବନ ନାମରେ ପରିଚିତ ହେବ। ଏହା ଏକ ବର୍ଷ ମଧ୍ୟରେ ନିର୍ମାଣ କରାଯାଇ ଲୋକଙ୍କ ସେବାରେ ନିୟୋଜିତ କରାଯିବ। ଏଥିରେ କଟକ କ୍ଷେତ୍ରୀୟ ସହସଂଯୋଜିକା ସୁଲୋଚନା ଦିଦି, ବ୍ରହ୍ମାକୁମାର ନଥମଲ ଭାଇ, ମୋହନ ଭାଇ, ହରିହର କର୍କଟ ରୋଗ ଚିକିତ୍ସା କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶିକା ପ୍ରତିଭା ପୃଷ୍ଟି, ତ୍ରିବେଣୀ ଭଉଣୀ, ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, କ୍ଷେତ୍ରପାଳ ସରପଞ୍ଚ ଫକୀର ନାରାୟଣ ମିଶ୍ର ଓ ପୂର୍ବତନ ସରପଞ୍ଚ ଉତ୍ତମ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ବଡ଼ଚଣା ସେବାକେନ୍ଦ୍ରର ସଞ୍ଚାଳିକା ମାନସୀ ଭଉଣୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଚଣ୍ଡିଖୋଲ ଉପସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ସୁମିତ୍ରା ଧନ୍ୟବାଦ ଦେଇଥିଲେ। କମଳେଶ ଦିଦିଙ୍କୁ ଏକ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ଚଣ୍ଡିଖୋଲ ଛକଠାରୁ ପାଛୋଟି ଅଣାଯାଇଥିଲା। ଏଥିରେ ଶତାଧିକ ବ୍ରହ୍ମାକୁମାରୀବ୍ରହ୍ମାକୁମାରୀଙ୍କ କଳସ ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ ସାଜିଥିଲା।

# ଜେଏସ୍‌ଏଲ୍‌ର ସ୍ୱଚ୍ଛତା ପାଇଁ ଶ୍ରମଦାନ




ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀମାନେ।।

**କଳିଙ୍ଗନଗର,୧।୧୦ (ଶୁଭାଶିଷ ରାଉତ)** ସ୍ୱଚ୍ଛତା ପାଇଁ ଶ୍ରମଦାନ କାର୍ଯ୍ୟକ୍ରମରେ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର କର୍ମଚାରୀମାନେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଜିନ୍ଦଲ ଷ୍ଟେନଲେସ ପ୍ଲାଣ୍ଟର ସମସ୍ତ ବିଭାଗର କର୍ମଚାରୀମାନେ କାରଖାନା ପରିସର ସଫେଇ କରିବା ସହ ପ୍ରାୟ ୩୦ ଜଣ କର୍ମଚାରୀଙ୍କ ଏକ ଦଳ ନିକଟସ୍ଥ ଦାନଗଦି ହାଟ ପଡ଼ିଆରେ ଆବର୍ଜନା ସଫା କରିଥିଲେ। କର୍ପୋରେଟ୍ ସାମାଜିକ ଦାୟିତ୍ୱ ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ଜିନ୍ଦଲ୍ ଷ୍ଟେନଲେସ୍ ପକ୍ଷରୁ ସ୍ୱଚ୍ଛତାର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖିଛି। ଏହି ପ୍ରୟାସର ଏକ ଅଂଶ ଭାବରେ ଜିନ୍ଦଲ ଷ୍ଟେନଲେସ୍ ସମସ୍ତ କର୍ମଚାରୀଙ୍କୁ କାରଖାନା ପରିସର ଭିତରେ ଏବଂ ବାହାରେ ସ୍ୱଚ୍ଛତା ପାଇଁ ସହଯୋଗ କରିବାକୁ ଉତ୍ସାହିତ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକ ସ୍ୱଚ୍ଛ ଏବଂ ସବୁଜ ଭାରତର ସ୍ୱପ୍ନକୁ ସମର୍ଥନ କରିବାକୁ ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ଭବିଷ୍ୟତରେ ଏଭଳି ପଦକ୍ଷେପ ଗ୍ରହଣ କରିବା ଏବଂ ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ କମ୍ପାନୀ ସର୍ବଦା ପ୍ରତିବଦ୍ଧ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ ଜଳସମ୍ପଦ କର୍ମଚାରୀଙ୍କ ପରଲୋକ

**ବାଲିଚନ୍ଦ୍ରପୁର,୧।୧୦(ଗିରିଜା ପ୍ରସାଦ ସାହୁ):** ବଡ଼ଚଣା ବ୍ଲକ ଅଧୀନ ଗଜେନ୍ଦ୍ରପୁରସ୍ଥିତ ଚନ୍ଦନନଗରର ସେକ୍ସନ ଜଳ ସମ୍ପଦ ବିଭାଗରେ କାର୍ଯ୍ୟକରି ୪ ମାସ ତଳେ ଅବସର ନେଇଥିବା କର୍ମଚାରୀ ନଗେନ କୁମାର ପ୍ରଧାନଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା। ସେ ୨/୪ ଦିନ ହେବ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମରଶରୀର ରବିବାର ନିଜ ଗ୍ରାମ ପଲାଇଠାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମରଶରୀରକୁ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ମନୋଜ କୁମାର ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭାଜପା ନେତା ଇଂ. ଯଶୋଦୀପ୍ତ ସାମଲ, ଖବରଦାତା ଉତ୍କଳ କେଶରୀ ସାମଲ, ପ୍ରସ୍ତର ଶିଳ୍ପୀ ସୁଶାନ୍ତ କୁମାର ଦାସ, ସାମାଜିକ କର୍ମୀ ପ୍ରମୋଦ କୁମାର ପରିଡ଼ା, ଶିକ୍ଷାବିତ୍ ଅନନ୍ତ କିଶୋର ପ୍ରଧାନ ଓ ବିକ୍ରମ କେଶରୀ ପ୍ରଧାନ ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ପୂର୍ବତନ ଜିଲା ଭାଜପା ସଭାପତି ଅଶୋକ ସାମଲ ନଗେନଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଧର୍ମଶାଳା,୧।୧୦(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରଞ୍ଜିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାରକା ରୋଟାରି ଓ ଇନର ହୁଇଲ କ୍ଲବ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରି କ୍ଲବ୍ ସଭାପତି ବିପିନି ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଶିବିରରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ରୋଟାରି କ୍ଲବ ପକ୍ଷରୁ ରୋଟାରିୟାନ ପ୍ରଦୀପ୍ତ ବରାଳ, ନିରଞ୍ଜନ ପାଣିଗ୍ରାହୀ, ପ୍ରମୋଦ ସାମଲ, ଲକ୍ଷ୍ମୀଧର ଚ୍ୟାଉପଟ୍ଟନାୟକ, ଧରଣୀଧର ଦାସ, ଯତୀନ୍ଦ୍ର ମିଶ୍ର, ବିନୋଦ ପରିଡ଼ା, ଅମୂଲ୍ୟ ମହାରଣା, ଇନର ହୁଇଲ କ୍ଲବ ପକ୍ଷରୁ ମାଧୁରୀ ଶତପଥୀ ଓ କଳ୍ପନା ଖୁଣ୍ଟିଆ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଡା. ବିଜୟ କୁମାର ଶତପଥୀ, ଡା. ବିଦ୍ୟାଧର ପାତ୍ର ଓ ଡା. ପ୍ରତ୍ୟୁଷ ମହାରଣା ପ୍ରମୁଖ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। ଶେଷରେ ରୋଟାରୀ କ୍ଲବ ସମ୍ପାଦକ ଜୟଗୁରୁ ପାତ୍ର ଧନ୍ୟବାଦ ଦେଇଥିଲେ।

### ହୋଟେଲରୁ ଶିଶୁ ଶ୍ରମିକ ଉଦ୍ଧାର

**ବୈଶିଙ୍ଗା,୧।୧୦(ରତନ ଦାଶ):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ହୋଟେଲରୁ ଶିଶୁ ଶ୍ରମିକ ଭାବେ କାର୍ଯ୍ୟରତ ଜଣେକ ନାବାଳକଙ୍କୁ ପ୍ରଶାସନ ଉଦ୍ଧାର କରିଛି। ବାଲେଶ୍ୱର ଉପଜିଲାପାଳ ଜଗନ କୁନାଲ ମୋତିରାମ ଏଠାକୁ ଖାଇବାକୁ ଆସିଥିବା ସମୟରେ ନାବାଳକ ତାଙ୍କ ନଜରକୁ ଆସିଥିଲେ। ସେ ମୟୂରଭଞ୍ଜ ଜିଲା ପ୍ରଶାସନକୁ ଖବର ଦେଇଥିଲେ। ବେତନଟୀ ବ୍ଲକ୍ ଶିକ୍ଷା ଅଧିକାରୀ ବିପ୍ଲବ କର ସଦଳବଳେ ହୋଟେଲରେ ଚଢ଼ାଉ କରି ସମ୍ପୃକ୍ତ ନାବାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ନିକଟସ୍ଥ ନଛିପୁରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇ ଦେଇଥିଲେ।

# ବିରଜା ଭୂମି ଏକ୍ସପ୍ରେସ୍‌ର ସ୍ୱନକ୍ଷତ୍ର ଉତ୍ସବ



ବିରଜା ଭୂମିର ସ୍ୱନକ୍ଷତ୍ର ସଂଖ୍ୟାକୁ ଅତିଥି ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୧।୧୦(ବଟକୃଷ୍ଣ ପରିଡ଼ା):** ବିରଜା ଭୂମି ଏକ୍ସପ୍ରେସ୍‌ର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ରବିବାର ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପଠାରେ ସମ୍ପାଦକ ନିର୍ମଳଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଖବରଦାତା ଗୋରେଖନାଥ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ତମ୍ଭକାର ବିଜୟ ଦାସ ଯୋଗଦେଇ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଖବରଦାତାମାନେ କଲମ ଚଳାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ରମାକାନ୍ତ ଜେନା ଯୋଗଦେଇ ଯେତେ ବାଧାବିଘ୍ନ ଆସୁପଛେ ସତ୍ୟ ସମ୍ବାଦ ପ୍ରକାଶ କରିବାରେ ଆନନ୍ଦଥାଏ ଓ ଏଥିରେ ସମାଜର ସାଧାରଣ ବର୍ଗର ଲୋକେ ନ୍ୟାୟ ପାଆନ୍ତି ବୋଲି କହିଥିଲେ। ଓଳାଶୁଣୀ ପତ୍ରିକାର ସମ୍ପାଦକ ଶୁଭେନ୍ଦୁ ଭୂୟାଁ ଯୋଗଦେଇ ସାମ୍ବାଦିକତା ସମ୍ପର୍କରେ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଖବରଦାତା ସୁରେଶ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନିଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏହି ଅବସରରେ ବିରଜା ଭୂମିର ସ୍ୱନକ୍ଷତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ସ୍ତମ୍ଭକାର ବିଜୟ ଦାସ, ଗୋରେଖନାଥ ସାହୁ, ଶୁଭେନ୍ଦୁ ଭୂୟାଁ, ରୀନାରାଣୀ ମହାନ୍ତି, ନାମରତ୍ନ ଓଝା, ଆକୁଳି ଚରଣ ରାଉତ, ଗୋଲକ ଚନ୍ଦ୍ର ପଲେଇ, ସେକ୍ ଆଲାଉଦିନ୍, ଧୀରେନ୍ଦ୍ର ମଲିକ, ସେକ୍ କଲିମ୍, ଜିତେନ୍ଦ୍ର ଜେନା, ରଞ୍ଜିତା ପରିଡ଼ା, କାର୍ତ୍ତିକ ମଲିକ, ସୁପ୍ରଭା ମଲିକ, ସବିତା ହୋତା ଓ ଆକାଂକ୍ଷା ବିଶ୍ୱାଳ ପ୍ରମୁଖଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ କବୟିତ୍ରୀ ରୀନାରାଣୀ ମହାନ୍ତିଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଆକାଂକ୍ଷା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ଖବରଦାତା ମାନସ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ବୟସ୍କମାନେ ମୂଲ୍ୟବାନ ସମ୍ପତ୍ତି

**ଧର୍ମଶାଳା,୧।୧୦(ବଟକୃଷ୍ଣ ପରିଡ଼ା):** ସ୍ଥାନୀୟ କୁମାରୀ ଶୈଳ ବିହାର ଗଣେଶ ମଣ୍ଡପଠାରେ ରବିବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ହରିହର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଭାବେ ରମାକାନ୍ତ ଜେନା ଯୋଗଦେଇ ବୟସ୍କମାନେ ଅଦରକାରୀ ନୁହନ୍ତି, ସେମାନେ ସମାଜର ପଥପ୍ରଦର୍ଶକ ଓ ମୂଲ୍ୟବାନ ସମ୍ପତ୍ତି ବୋଲି ମତପ୍ରକାଶ କରିଥିଲେ। ହୃଷିକେଶ ସାମଲ ସୂଚନା ପ୍ରଦାନ କରିଥିଲେ। ବୟସ୍କମାନେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ସହ ପରିବାରରେ ଶୃଙ୍ଖଳା ପ୍ରତି ଧ୍ୟାନ ଦେବା ଓ ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବା ପାଇଁ ବ୍ରଜବନ୍ଧୁ ଶତପଥୀ, ଯୁବ ସାମାଜିକ କର୍ମୀ ଅମର ମହାନ୍ତି, ରାଧାକାନ୍ତ ବେହୁରା, ଭରତ ସାମଲ, ବେଣୁଧର ଦାସ, ବ୍ରଜ କିଶୋର ଦାଶ ଓ ଗୋପୀନାଥ ଗିରି ପ୍ରମୁଖ କହିଥିଲେ। ପରେ ସ୍ଥାନୀୟ ମା' ଶାରଳାଙ୍କ ପୀଠରେ ବୟସ୍କମାନଙ୍କ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା।

# କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଚାଷୀ ସଚେତନତା ଶିବିର

### ଶୀତ ଦିନିଆ ପରିବା ଚାଷର ଯତ୍ନ ସମ୍ପର୍କରେ ବୁଝାଇଲେ

**ରସୁଲପୁର,୧।୧୦(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସଭାଗୃହରେ ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏକ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ପକ୍ଷରୁ ଉଦ୍ୟାନ କୃଷି ବୈଜ୍ଞାନିକ ଡ. ବବିତା ମିଶ୍ର, ଫସଲ ସୁରକ୍ଷା ବିଶେଷଜ୍ଞ ବିଜୟ କୁମାର ରାଉତରାୟ ପ୍ରମୁଖ ସମ୍ବଳ ଅଧିକାରୀ ଭାବେ ଯୋଗଦେଇ ଶୀତଦିନିଆ ପରିବା ଚାଷ ସମ୍ପର୍କିତ ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ।

ପରିବର୍ତ୍ତିତ ପାଣିପାଗ ସ୍ଥିତିରେ ଫସଲର ସୁରକ୍ଷା ଓ ଅଧିକ ଅମଳକ୍ଷମ ଚାରା ରୋପଣ କରି କିଭଳି ଚାଷୀ ଲାଭବାନ ହୋଇପାରିବେ। ଚାଷରେ କମ୍ ଖର୍ଚ୍ଚ କରି ଅଧିକ ଉତ୍ପାଦନକରି ଆତ୍ମନିର୍ଭରଶୀଳ ହେବେ ସେ ଦିଗରେ ପ୍ରାଥମିକା ଦିଆଯାଉଛି। ଏଥର ବିଶୁଦ୍ଧ ଫସଲ ଉତ୍ପାଦନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ଫସଲ ଚାଷ ପୂର୍ବରୁ ଚାଷୀମାନେ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଇବକୁ କୁହାଯାଇଛି। ଚାଷୀମାନେ କେଉଁ କିସମର ବିହନ ବ୍ୟବହାର କରିବେ ଓ ତାହାକୁ କେଉଁ ପ୍ରଣାଳୀରେ ବିଶୋଧନ କରିପାରିଲେ ଅମଳକ୍ଷମ ଫସଲ ଚାଷ ହୋଇପାରିବ ସେ ଦିଗରେ ଅଧିକାରୀମାନେ ବୁଝାଇ କହିଥିଲେ। ପରେ ଚାଷୀ ଓ ସମ୍ବଳ ଅଧିକାରୀମାନଙ୍କ ମଧ୍ୟରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କିସମର ପରିବା ଫସଲ ଚାଷରେ କ'ଣ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅଗ୍ରଣୀ ଚାଷୀମାନଙ୍କୁ ନୂତନ କିସମର ପରିବା ଚାରା ପ୍ରଦର୍ଶନ ଉଦ୍ଦେଶ୍ୟରେ ବିନା ମୂଲ୍ୟରେ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଚଳିତ ରବି ଋତୁରେ ଅଧିକ ଅମଳକ୍ଷମ ଆଳୁଚାଷ ସମ୍ପର୍କରେ ବୈଜ୍ଞାନିକାମାନେ ଚାଷୀଙ୍କୁ ସଚେତନ କରାଇଥିଲେ।



ଶିବିରରେ ଯୋଗଦେଇଥିବା ଅଧିକାରୀ ଏବଂ ଚାଷୀମାନେ।

## ସଂକ୍ଷେପରେ

### ବ୍ଲକ ବିଜେଡି ମିଡିଆ ସଂଯୋଜକ ହେଲେ ବିଜ୍ଞାନ

ରାଜନଗର, ୧।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବିଜେଡିର ମିଡିଆ ସଂଯୋଜକ ଭାବେ ଦଳର ସାଧାରଣ ସମ୍ପାଦକ ବିଜ୍ଞାନ ରଞ୍ଜନ ଜେନାଙ୍କୁ ଦଳ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏଥିସହ କୋଇଲିପୁର ପଞ୍ଚାୟତର ପର୍ଯ୍ୟବେକ୍ଷକ ଭାବେ ଜିଲା ସମ୍ପାଦକ ପୃଥ୍ୱିରାଜ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ରାଜନଗର ବିଧାୟକଙ୍କ ଧ୍ରୁବ ସାହୁଙ୍କ ପରାମର୍ଶ କ୍ରମେ ଉଭୟ ନେତାଙ୍କୁ ନୂତନ ଦାୟିତ୍ୱ ଦିଆଯାଇଥିବା ନେଇ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ଜଣାଇଛନ୍ତି।

### ଆଳିରେ ବରିଷ୍ଠ ନାଗରିକ ଦିବସ

ଆଳି,୧।୧୦(ବନମାଳୀ ସେନାପତି)

ଆଳି ପୁରୁଣା କୋର୍ଟ ପରିସରରେ ରବିବାର ପୂର୍ବାହ୍ନରେ ବିଚାରପତି ଦୀପ୍ତି ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଳି ବାର୍ ଆସୋସିଏଶନ୍ ସମ୍ପାଦକ ଅକ୍ଷୟ କୁମାର ମଲିକ, ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ମହାନ୍ତି, ଧୀରେନ୍ ରାଉତ, ଯୁଧିଷ୍ଠିର ପଣ୍ଡା, ଅନନ୍ତ ଚରଣ ମହାନ୍ତି, ବସନ୍ତ କୁମାର ନାୟକ, ପ୍ରମୋଦ କୁମାର ସ୍ୱାଇଁ, ବରିଷ୍ଠ ନାଗରିକ ନରହରି ପାତ୍ର, ଲକ୍ଷ୍ମୀଧର ଦୀକ୍ଷିତ, କରୁଣାକର ତ୍ରିପାଠୀ, ହୃଦାନନ୍ଦ ମହାନ୍ତି, କରୁଣାକର ସାମଲ, ମିଘାନନ୍ଦ ବେହେରା, ସୁହାନା ବେଗମ, ଶୁଭସ୍ମିତା ସାମଲ, ରଶ୍ମି ମହାନ୍ତି, ଲକ୍ଷ୍ମୀପ୍ରିୟା ପଣ୍ଡା ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ବକ୍ତବ୍ୟ ରଖିଥିଲେ। ବିଚାରପତି ଓ ଆଇନଜୀବୀମାନେ ବରିଷ୍ଠ ନାଗରିକମାନଙ୍କ ନିମିତ୍ତ ଆଇନ ସେବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସହଦେବ ସିଂହ ଧନ୍ୟବାଦ ଦେଇଥିଲେ।

### ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଆଳି,୧।୧୦(ବନମାଳୀ ସେନାପତି )

ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଳି ଶାଖା ପକ୍ଷରୁ ରବିବାର ପୂର୍ବାହ୍ନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କ ଆଳି ଶାଖା ପରିଚାଳକ ପ୍ରଣବ କୁମାର ଦାସଙ୍କ ନେତୃତ୍ୱରେ ଶାଖାର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଆଳି ଲକ୍ଷ୍ମୀବରାହ ଜୀଉ ମନ୍ଦିର ପ୍ରାଙ୍ଗଣ ସଫେଇ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରବନ୍ଧକ ଜିଆସୁଦ୍ଦିନ ଅହମ୍ମଦ, କେନ୍ଦ୍ରାପଡ଼ା ଲିଡ଼ ବ୍ୟାଙ୍କ ଅଧିକାରୀ ନବକିଶୋର ପଣ୍ଡା, ବିନୟ କୁମାର ବିଶ୍ୱାଳ, ଅରବିନ୍ଦ ରାଉତ, ତ୍ରିଲୋଚନ ମହାଳିକ, ଅମର କୁମାର ନାୟକ, ହେମନ୍ତ ମହାରଣା, ରମେଶ ନାୟକ, ରଞ୍ଜିତ ଦାସ, ବିଜୟ ଗୋଛାୟତ ପ୍ରମୁଖ ସାମିଲ ହୋଇ ସଫେଇ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଜି ଗୋଟେ ଦିନ ବଦଳରେ ସବୁଦିନ କରିଲେ ପରିବେଶ ସଚ୍ଛ ରହିବ, ପରିବେଶ ସ୍ୱଚ୍ଛ ରହିଲେ ସମସ୍ତେ ସୁରକ୍ଷିତ ରହିବେ ବୋଲି ଶାଖା ପରିଚାଳକ ପ୍ରଣବ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

# ବିଧାୟକଙ୍କ ବିରୋଧରେ ମିଥ୍ୟା ଆରୋପ

**ଜଙ୍ଗଲ ଜମିରେ ହୋଟେଲ ନିର୍ମାଣ ଅଭିଯୋଗ ଘଟଣା**

- **ନୟନଯୋରି, ସରକାରୀ ଜମି କଂଗ୍ରେସର ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ**
- **ପରଦା ଖୋଲିଲେ ବିଜେଡି ନେତା କ୍ଷୀରୋଦ ପ୍ରଧାନ**



ହୋଟେଲ ଥିବା ସ୍ଥାନ ବାଙ୍କୁଆଳ।

ପଟ୍ଟାମୁଣ୍ଡାଇ,୧।୧୦ (କଳ୍ପତରୁ ନାୟକ)

ଜଙ୍ଗଲ ଜମିରେ ରାଜନଗର ବିଧାୟକ ଧ୍ରୁବ ସାହୁ ହୋଟେଲ କରିଥିବା ନେଇ ପଟ୍ଟାମୁଣ୍ଡାଇ ମେଡିକାଲ ଛକ ଓ ରାଜନଗରରେ ସେପ୍ଟେମ୍ବର ୨୯ରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ, କୁଶପୁତଳିକା ଦାହ, ଖବରଦାତା ସମ୍ମିଳନୀ କରାଯାଇଥିଲା। ରବିବାର ବରିଷ୍ଠ ବିଜେଡି ନେତା ତଥା ଆଇନଜୀବୀ କ୍ଷୀରୋଦ ପ୍ରଧାନ ଏକ ପ୍ରେସ୍ ବିବୃତିରେ ଏହାର ଜବାବ ରଖିଛନ୍ତି। ସେ ରାଜନଗର କଂଗ୍ରେସ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିବା ସଙ୍ଗେ କଂଗ୍ରେସର ବିଧାୟକ ସାହୁଙ୍କ ବିରୋଧରେ ଏକ କପୋଳ କଳ୍ପିତ ଓ ମନଗଢା କାହାଣୀ ରଚିଛି ବୋଲି କହିଛନ୍ତି। କଂଗ୍ରେସର ଅଭିଯୋଗରେ ସତ୍ୟତା ନାହିଁ ଏବଂ ଜଣେ ଜନପ୍ରିୟ ବିଧାୟକଙ୍କୁ ଜନତାଙ୍କ ସମ୍ମୁଖରେ ମିଥ୍ୟା ଆରୋପ କରି ତାଙ୍କ ଜନ ସମର୍ଥନକୁ ପ୍ରତିରୋଧ କରିବା ଏକ ଷଡଯନ୍ତ୍ର ଥିଲା। ବିଧାୟକଙ୍କ ନାମରେ ନେଇଥିବା ଯେଉଁ ଜମି ଉପରେ କଂଗ୍ରେସ ଅଭିଯୋଗ ଉଠାଇଛି ସେ ଅଞ୍ଚଳରେ ବିଧାୟକ ଧ୍ରୁବ ସାହୁ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ ନାମରେ ଜମି ନାହିଁ ବୋଲି ସେ ଦୃଢତାର ସହିତ କହିଛନ୍ତି। ଯଦି କଂଗ୍ରେସ ପାଖରେ ଏହାର ପ୍ରମାଣ ଅଛି ତାହା ହେଲେ ତାହାକୁ ସାର୍ବଜନିନ କରାଯାଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ବିଧାୟକ କୌଣସି ସ୍ଥାନରେ ଜଙ୍ଗଲ ଜମି ହେଉ କି ସରକାରୀ ଜମି ଦଖଲ କରିନାହାନ୍ତି ବୋଲି ସେ ଏହି ପ୍ରେସ ବିବୃତିରେ ସ୍ପଷ୍ଟ କରାଇଛନ୍ତି। କଂଗ୍ରେସ ଯେଉଁ ଅଞ୍ଚଳରେ ହୋଟେଲ କଥା କହୁଛି ସେହି ମୌଜା ବାଙ୍କୁଆଳରେ। ଜମି ଦଖଲରେ ଥିବା ବ୍ୟକ୍ତି ହେଲେ କମଳିନୀ କୁଅଁର, ଖଗେଶ୍ୱର କୁଅଁର, ଦୀନବନ୍ଧୁ କୁଅଁର, ନିରାକାର କୁଅଁର, ପ୍ରମିଳା କୁଅଁର, ସୁକାନ୍ତ କୁଅଁର, ଅଭୟ ଦଳାଇ, ଉର୍ମିଳା ଦଳାଇ, ଚିନା ଦଳାଇ, ନିର୍ମଳ ଦଳାଇ, ମୀନକେତନ ପାଢ଼ୀ, କେଶବାନନ୍ଦ ବେହେରା, ବାବାଜୀ ବେହେରା, ଭାଗୀରଥି ବେହେରା, ମଦନ ବେହେରା, ସୁଜାତା ରାଉତ, ସୂର୍ଯ୍ୟ ନାରାୟଣ ଲେଙ୍କା, ଦୁର୍ଯ୍ୟୋଧନ ସ୍ୱାଇଁ, ବୃନ୍ଦାବନ ସ୍ୱାଇଁ। ଏଠାରେ ପ୍ରଶ୍ନ ଉଠୁଛି ବିଧାୟକଙ୍କ ସମ୍ପୃକ୍ତି କେଉଁଠି ରହିଲା। ଯଦି କଂଗ୍ରେସ ଏହାର ସତ୍ୟତା ପ୍ରମାଣ ନ କରେ କାହିଁକି ତାଙ୍କ ବିରୋଧରେ ବିଧାୟକଙ୍କ ସମ୍ମାନହାନୀ ମକଦ୍ଦମା କରା ନ ଯିବ ତାହାର ଜବାବ ପଟ୍ଟାମୁଣ୍ଡାଇ-ରାଜନଗର କଂଗ୍ରେସ ଦେଉ ବୋଲି ସେ କହିଛନ୍ତି। ସେ ତାଙ୍କ ଅଭିଯୋଗରେ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନୟନଜୋରି ଓ ସରକାରୀ ଜମି କଂଗ୍ରେସର କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବଜାରେ ରହିଛି। ଏହା ମଧ୍ୟ ଅନୁସନ୍ଧାନ ସାପେକ୍ଷ। କଂଗ୍ରେସ ପ୍ରଥମେ ଆଇନକୁ ସମ୍ମାନ ଦେଇ ଜବରଦଖଲରେ ଥିବା ନଦୀ ଜମିକୁ ଜବରଦଖଲ ମୁକ୍ତ କରୁ ବୋଲି ବିଜେଡି ନଗର ସଭାପତି ଖଗେଶ୍ୱର ଲେଙ୍କା, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଯୁବବାହିନୀ ସମ୍ପାଦକ ଦିଲୀପ ସାହୁ, ପୂର୍ବତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର, ବାପି ସାମଲ, ପିଣ୍ଟୁ ସେଠୀ ଓ ପୂର୍ବତନ କାଉନସିଲର ମଳୟ ମଲିକ ପ୍ରମୁଖ କଂଗ୍ରେସ ଉପରେ ବର୍ଷିବା ସହ କଂଗ୍ରେସ ଏଥିପାଇଁ କ୍ଷମା ପ୍ରାର୍ଥନା କରୁ, ନ ହେଲେ ଆଇନର ଆଶ୍ରୟ ନେବୁ ବୋଲି କହିଛନ୍ତି।

# ପାଟିରେ ତୂଳି ଧରି କାନ୍‌ଭାସ୍‌ରେ ଚିତ୍ର ଆଙ୍କି ଚର୍ଚ୍ଚାରେ ସୌମ୍ୟ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୌମ୍ୟ ରଞ୍ଜନ ବଳ ତୈଳଚିତ୍ର ଦେଉଛନ୍ତି।

ରାଜନଗର, ୧।୧୦ (ଭାସ୍କର ରାଉତରାୟ)

ସ୍ଥାନୀୟ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର କୃତୀ ଛାତ୍ର ସୌମ୍ୟ ରଞ୍ଜନ ବଳ ପାଠ ପଢିବା ସହିତ ନିଆରା ପ୍ରୟାସରେ ପାଟିରେ ତୂଳି ଧରି କାନଭାସରେ ଦେଶର ବିଭିନ୍ନ ବରପୁତ୍ର, ପ୍ରକୃତି ଓ ପରିବେଶ ଏବଂ ଦେଶର ମାନଚିତ୍ର ଆଙ୍କି ଚର୍ଚ୍ଚାକୁ ଆସିଥିଲେ। ଆମ ଦେଶର ଗୌରବ ଗାଥା ବହନ କରୁଥିବା ମାନଚିତ୍ରକୁ ଅତି ନିଖୁଣ ଭାବେ ପାଟି ମାଧ୍ୟମରେ ଆଙ୍କି ଆନ୍ତର୍ଜାତୀୟ ସ୍ତରରେ ସୌମ୍ୟ ନିଜର ପ୍ରତିଭାର ପରିଚୟ ଦେଇଥିଲେ। ମାତ୍ର ୮ ମିନିଟ୍ ମଧ୍ୟରେ ନିଜ ପାଟିରେ ଭାରତ ମାନଚିତ୍ର ଏବଂ ୧୧ ମିନିଟ୍‌ରେ ଉତ୍କଳମଣି ଗୋପବନ୍ଧୁଙ୍କ ଛବି ଆଙ୍କିଥିଲେ। ଏହି ଛବି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ପରେ ଆନ୍ତର୍ଜାତିୟ ସ୍ତରରେ ସୌମ୍ୟ ଚିତ୍ରକଳାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରି ଥିଲେ। ତାଙ୍କର ଏହି ନିଆରା ଏବଂ ଅଭିନବ ଢଙ୍ଗରେ ଚିତ୍ର ଆଙ୍କୁ ଥିବାରୁ ତାଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ ଗ୍ରାଣ୍ଡ ମାଷ୍ଟର ଉପାଧି ଅର୍ଜନ କରିଥିଲେ। ସେ ଅଦ୍ୟାବଧି ୩୦ଟି ଉପାଧି ପାଇବା ପରେ ଭାରତର ସୁନାମଧନ୍ୟ ବିଶ୍ୱବିଦ୍ୟାଳୟ ମ୍ୟାଜିକ୍ ଆଣ୍ଡ ଆର୍ଟ ୟୁନିଭରସିଟି ପକ୍ଷରୁ ସୌମ୍ୟଙ୍କୁ ସମ୍ମାନଜନକ ଏମ୍‌ବିଆର ଅନରାରି ଡକ୍ଟରେଟ ଆୱାର୍ଡ ପ୍ରଦାନ କରାଯାଇଛି। ଶନିବାର ଚିତ୍ରଶିଳ୍ପୀ ସୌମ୍ୟ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ କରିବା ସହିତ ନିଜ ଚିତ୍ରକଳା କୃତିତ୍ୱ ସମ୍ପର୍କରେ ଅବଗତ କରାଇବା ସହ ବଡ ଠାକୁର ଶ୍ରୀଜଗନ୍ନାଥଙ୍କ ପଟଚିତ୍ର ଓ ରାଜ୍ୟପାଳଙ୍କ ଚିତ୍ର ପ୍ରଦାନ କରିଥିଲେ। ରାଜ୍ୟପାଳ ଏହି କୃତୀ ପ୍ରତିଭାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୌମ୍ୟଙ୍କ ଘର ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ।

# ବରିଷ୍ଠ ନାଗରିକ ଅନୁଭବର ଭଣ୍ଡାର




କେନ୍ଦ୍ରାପଡ଼ା ସହରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଶୋଭାଯାତ୍ରାକୁ ଏଡିଏମ୍ ପୀତାମ୍ବର ସାମଲ ଉଦ୍‌ଘାଟନ କରୁଛନ୍ତି।

କେନ୍ଦ୍ରାପଡ଼ା, ୧।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ରବିବାର ପାଳନ ହୋଇଯାଇଛି। ଉଦ୍‌ଘାଟନ ସଭାର ସଭାପତି ଏଡିଏମ୍ ପୀତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅତିଥିମାନେ ବରିଷ୍ଟ ନାଗରିକମାନଙ୍କୁ ଅନୁଭବର ଭଣ୍ଡାର ବୋଲି ମତ ଦେଇଛନ୍ତି। ଏଥିସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିରେ ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ପୌରାଧ୍ୟକ୍ଷା ସରିତା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ କହିଥିଲେ, ବୟସର ମାପକାଠିରେ ବରିଷ୍ଠ ନାଗରିକଙ୍କୁ ମପା ଯାଇ ପାରିବ ନାହିଁ। ଏହି ବର୍ଗର ସମାଜ ପ୍ରତି ଅବଦାନ ଯଥେଷ୍ଟ ଅଧିକ। ଏହାବ୍ୟତିତ ସେମାନଙ୍କ ନିକଟରେ ଜୀବନଯାତ୍ରାର ପ୍ରଚୁର ମାତ୍ରାରେ ଅଭିଜ୍ଞତା ଓ ଅନୁଭବ ରହିଛି। ଯାହାଦ୍ୱାରା ଉତରପିଢ଼ି ଉପକୃତ ହେଉଛନ୍ତି। ସାମ୍ପ୍ରତିକ ସମୟରେ ବରିଷ୍ଠ ନାଗରିକମାନେ ବହୁସ୍ଥାନରେ ଉପେକ୍ଷିତ ହେଉଥିବା ଲକ୍ଷ୍ୟ କରାଯାଉଛି। ତେବେ ସେମାନେ ଆମ ସମାଜର ବିଶିଷ୍ଟ ଅଙ୍ଗ ହୋଇଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉଛି। ଏହି ଅବସରରେ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନାରେ ଚିହ୍ନଟ ୮୭ ଜଣ ବରିଷ୍ଠ ନାଗରିକଙ୍କୁ ୨୪୦ଟି ଉପକରଣ ଅତିଥିମାନେ ପ୍ରଦାନ କରିଥିଲେ। ସେହିପରି ଉଦ୍‌ଯାପନୀ ସଭା ଏଡିଏମ୍ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଏ ସମ୍ପର୍କରେ ସଚେତନତା ପାଇଁ ଅନୁଷ୍ଠିତ ରାଲିକୁ ଏଡିଏମ୍ ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ କୃତୀ ପ୍ରତିଭା ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ଅଧିକାରିଣୀ ରୂପାଲି ପ୍ରୀୟଦର୍ଶିନୀ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ରାଜନଗର, ୧।୧୦(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ରିଘାଗଡ଼ସ୍ଥିତ ଜରା ନିବାସରେ ବରିଷ୍ଠ ନାଗରିକ ଦିବସ ପାଳିତ ରବିବାର ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ପ୍ରାଧିକରଣ ଏବଂ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ତାଲୁକ ଲିଗାଲ ସେବା କମିଟି ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ପ୍ରାଧିକରଣ ଜଜ୍ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର ସଂଯୋଜନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ସିଭିଲ ଜଜ୍ ସୁଶ୍ରୀ ମଲ୍ଲିକ, ପଟ୍ଟାମୁଣ୍ଡାଇ ଜେଏମ୍ଏଫ୍‌ସି ମୋନାଲିସା ପ୍ରଧାନ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ବୁଝିବା ସହ ସୁସ୍ଥ ଜୀବନ ଯାପନ ପାଇଁ ଆଧାତ୍ମିକତା ଏକାନ୍ତ ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ରାଜନଗର ଚିକିତ୍ସା କେନ୍ଦ୍ର ଓ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ସମ୍ପାଦକ ସୁଶ୍ରୀକାନ୍ତ ପରିଡାଙ୍କ ସହଯୋଗରେ ଖୁବ୍‌ଶୀଘ୍ର ଏକ ମେଡିକାଲ କ୍ୟାମ୍ପ କରାଯିବ ବୋଲି ଅବଗତ କରାଯାଇଥିଲା। ଜରା ନିବାସରେ ୨୫ଜଣ ଅନ୍ତେବାସୀଙ୍କ ଦ୍ୱାରା କେକ୍ କଟାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜରାନିବାସର ସୁପରିଣ୍ଟେଣ୍ଡେଣ୍ଟ ସସ୍ମିତା ଦାସ, ମିନାକ୍ଷୀ ବିଶ୍ୱାଳ, ଲୋକନାଥ ବେହେରା, ମଙ୍ଗୁଳି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ପଟ୍ଟାମୁଣ୍ଡାଇ ବାର ଆସୋସିଏଶନ ସମ୍ପାଦକ ଆଇନଜୀବୀ ରବୀନ୍ଦ୍ର ନାଥ ଦାସ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଟ୍ଟାମୁଣ୍ଡାଇ ବାର ଆସୋସିଏଶନର ଅର୍ଥ ସଚିବ ଧୀରେନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ। ସେହିଭଳି ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପୃଥକ୍ ଭାବେ ଏଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃଦ୍ଧାଶ୍ରମରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଏସ୍ଏସ୍‌ଓ ମନୋଜ କୁମାର ବେହେରା, ଶୀତଲ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଶିଶୁ ମହୋତ୍ସବ ସୁରଭିରେ ଅତିଥିମାନେ କୃତୀ ପିଲାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନଗର, ୧।୧୦(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଓଡ଼ିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ ମହାକାଳୀ ସରକାରୀ ଉଚ୍ଚ ବିଦ୍ୟାଳୟ ବେଲପାଳଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସେଠୀ ସଂଯୋଜନାରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖବରଦାତା ଜଗନ୍ନାଥ ଦାସ, ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନରେନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ। କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, କୁଇଜ୍, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସଙ୍ଗୀତ ପ୍ରମୁଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଗ୍ରନ୍ଥକାର ବିଷ୍ଣୁ ଚରଣ ଦାସ, ଜଗନ୍ନାଥପୁର ଶାସନ ଶିକ୍ଷାନିକେତନ ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ଗଜେନ୍ଦ୍ର ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅରୁଣ ଜେନା, ସତ୍ୟନାରାୟଣ ମହାନ୍ତି, ରଶ୍ମୀକାନ୍ତ ସେଠୀ, ରାଜେଶ କୁମାର ସାହୁ, ସୁଧାସ୍ମିତା ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ପାତ୍ର, ରଞ୍ଜନ ମହାନ୍ତିଙ୍କ ସମେତ ବିଦ୍ୟାଳୟର ପରିଚାଳନା କମିଟି ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ମାଟି ଉଠାଣ

ରାଜକନିକା,୧।୧୦ (ସଞ୍ଜୟ କୁମାର ଦାଶ)

ପୂର୍ବ କନିକାର ପ୍ରସିଦ୍ଧି ଲାଭ କରିଥିବା ଆୟତନ ଅଞ୍ଚଳର ପୁରାତନ ସାର୍ବଜନୀନ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଅନୁକୂଳ ମାଟି ଉଠାଣ ବୈଦିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସିକୋ ଗ୍ରାମର ମହିଳା କୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ସଂକୀର୍ତ୍ତନ କରିଥିଲେ। ପଣ୍ଡିତ ବଳରାମ ଶତପଥୀ, ବଡ଼ପଣ୍ଡା ରଞ୍ଜନ କୁମାର ମିଶ୍ର ଓ ଶରତ କୁମାର ପଣ୍ଡା ପ୍ରମୁଖ ହାଟପୋଖରୀ କୂଳରେ ବିଧି ପୂର୍ବକ ପୂଜାର୍ଚ୍ଚନା କରି ମାଟି ଉଠାଣ କରିଥିଲେ। କର୍ତ୍ତା ଭାବେ ଭଗବାନ ମହାନ୍ତି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଅନୁକୂଳ ମାଟି ନେଇ ଏକ ବିରାଟ ଶୋଭାଯାତ୍ରାରେ ଆୟତନ ବଜାର ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚି ଥିଲେ। ସଭାପତି ନବକିଶୋର ସୂତାର, ସମ୍ପାଦକ ବୈକୁଣ୍ଠନାଥ ବେହେରା, ସଭ୍ୟ ଦୋଳଗୋବିନ୍ଦ ଧଳ ଓ ବିରଞ୍ଚି ନାରାୟଣ ଦାସ ପ୍ରମୁଖଙ୍କ ସହ କମିଟିର ସଭ୍ୟମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।




ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ପିଲାମାନେ।

# ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା

ରାଜନଗର,୧।୧୦(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କୁ ଭାରତୀୟ ସନାତନ ସଂସ୍କୃତି ସହ ପରିଚିତ କରିବା ଲକ୍ଷ୍ୟରେ ମିଶନ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ୪ଟି ବର୍ଗରେ ୧୭ଟି ଶିକ୍ଷାନୁଷ୍ଠାନର ୧୭୯ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଜ୍ଞାନ ମିଶନର ସ୍ୱାମୀ ସୁଗୀତାନନ୍ଦ ଗିରି, ସ୍ୱାମୀ ବିଶ୍ୱରୂପାନନ୍ଦ ଗିରି, ଅନିଲ କୁମାର ଦାସ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ମଲ୍ଲିକ ଓ ମହେଶ୍ୱର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, ଅଧ୍ୟାପକ ସତିଶ ଚନ୍ଦ୍ର ମହାପାତ୍ର, ନାରାୟଣ ପ୍ରଧାନ, ଭଗବତୀ ରାଉତ, ରାଜକିଶୋର ପାଣି, ରମାକାନ୍ତ ରାଉତ ପରିଚାଳନାରେ ସହଯୋଗ କରିଥିଲେ। ବିଚାରକ ମଣ୍ଡଳୀରେ ଅଧ୍ୟକ୍ଷ ଡ. ବିକ୍ରମାଦିତ୍ୟ ଦାସ, ବିଜୟ କୁମାର ଜେନା, ଅଭିରାମ ସାହୁ, କୃଷ୍ଣଚନ୍ଦ୍ର ଷଡଙ୍ଗୀ, ତନୁଶ୍ରୀ ମିଶ୍ର, ପବିତ୍ର କଣ୍ଠ, ହେମନ୍ତ ମିଶ୍ର ଓ ପ୍ରଫୁଲ୍ଲ କୁମାର ପଡିହାରୀ ସ୍ଥାନ ପାଇଥିଲେ।

# ବରିଷ୍ଠ ନାଗରିକ ନିବାସରେ କଟୁଛି ବୃଦ୍ଧାବୃଦ୍ଧଙ୍କ ଜୀବନ

ମହାକାଳପଡ଼ା,୧।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସିସ୍ଥିତ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ବରିଷ୍ଠ ନାଗରିକ ନିବାସରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ନିବାସରେ ଜନ୍ମ କଲା ଝିଅପୁଅମାନେ ପର କରିବା ପରେ ପରିଣତ ବୟସରେ ୨୫ଜଣ ବୃଦ୍ଧାବୃଦ୍ଧ ଅବସ୍ଥାପିତ ହୋଇଛନ୍ତ। ଏହି ଦିବସ ପାଳନ ଅବସରରେ ବୃଦ୍ଧାବୃଦ୍ଧମାନଙ୍କୁ ଚନ୍ଦନ ଟିକା ଲଗାଯାଇ ବନ୍ଦାପନା କରାଯାଇଥିଲା। ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗଦେଇଥିବା ଅତିଥିମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ବଡ଼କୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ପ୍ରମୋଦ ବିହାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା, ଉମାକାନ୍ତ ଜେନା ପ୍ରମୁଖ ଯୋଗ ଦେଇ ଏହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନେକ ଗରିବ, ଅସହାୟ, ଅଭାବୀ ପରିବାରର ବୃଦ୍ଧାବୃଦ୍ଧମାନଙ୍କ ପାଇଁ ଆଜିର ଦିନ ସେମାନଙ୍କ ନିମନ୍ତେ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ଓ ରାଜ୍ୟ ସରକାର ଏହି ଅସହାୟ ବୃଦ୍ଧାବୃଦ୍ଧମାନଙ୍କ ପାଇଁ ଜୀବନର ଅବଶିଷ୍ଟ ସମୟ ବରିଷ୍ଠ ନାଗରିକ ନିବାସରେ ରହିବା ପାଇଁ ବ୍ୟବସ୍ଥା କରିଛନ୍ତି। ସେମାନେ ମୁହଁରେ ହସ ଫୁଟେଇ ଏଠାରେ ନୂଆ ଜୀବନ ଅତିବାହିତ କରିପାରିବେ ବୋଲି ଅତିଥିମାନେ କହିଥିଲେ।

ଅପରପକ୍ଷରେ ଏହି ବରିଷ୍ଠ ନାଗରିକ ନିବାସରେ ଜିଲା ଓ ଜିଲାବାହାରୁ ନିଜ ଘରଲୋକ ପର କରିବା ପରେ ଅବଶିଷ୍ଟ ଜୀବନ ବିତାଇବାକୁ ଆସି ବୃଦ୍ଧାବୃଦ୍ଧ ରହିଛନ୍ତି। ନିଜ ଜନ୍ମ କଲା ଝିଅପୁଅ ପର କରିବା ପରେ ଆମ୍ଭେମାନେ ବାଧ ହୋଇ ଜିଲା ପ୍ରଶାସନ ସହାୟତାରେ ଏହି ନିବାସରେ ଅବଶିଷ୍ଟ ସମୟ କଟାଇବୁ ବୋଲି କେନ୍ଦ୍ରାପଡ଼ା କପାଳେଶ୍ୱର ଅଞ୍ଚଳର ସତ୍ୟଭାମା ବାରିକ (୮୦), ଗୋପ ବଗଡାର ଗୋବିନ୍ଦ ସାହୁ (୯୦), ଇଛାପୁର ବିରୁସୁତିର ପାର୍ବତୀ ମହାରଣା (୧୦୦),



ବରିଷ୍ଠ ନାଗରିକ ଦିବସରେ ଉପସ୍ଥିତ ଅତିଥିଙ୍କ ଗହଣରେ ବୃଦ୍ଧାବୃଦ୍ଧ।

**ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ**

ପୁରୀ ଭୂଷଣ୍ଡପୁର ଅଞ୍ଚଳର ନିର୍ମଳ ମାଝି (୮୦), ରଜନରରର ଦେବଲା ବିଶ୍ୱାସ (୮୦)ଙ୍କ ସମେତ ଅନ୍ୟ ବୃଦ୍ଧାବୃଦ୍ଧମାନେ କୋହଭରା କଥା ବଖାଣିଛନ୍ତି। ଏହି ନିବାସରେ ଆମକୁ ସ୍ୱର୍ଗ ସୁଖ ମିଳୁଛି। ଜୀବନର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଏଠାରେ ଜୀବନ ଅତିବାହିତ କରିବୁ ବୋଲି କହିଛନ୍ତି। ଏହି ବରିଷ୍ଠ ନାଗରିକ ନିବାସକୁ ବ୍ଲକର ଜଗତି ସ୍ଥିତ ଜନକଲ୍ୟାଣ ସେବା ସଂସ୍ଥା ପରିଚାଳନା କରୁଛି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଆର୍ଥିକ ସହାୟତା ମିଳୁଛି। ଶେଷରେ ବରିଷ୍ଠ ନାଗରିକ ନିବାସର ମୁଖ୍ୟ ପବିତ୍ର କୁମାର ପରିଡ଼ା କହିଛନ୍ତି, ଘର ଛାଡ଼ିବା ପରେ ଏମାନଙ୍କ ଅବଶିଷ୍ଟ ଜୀବନ ଦାୟିତ୍ୱ ଓ ସମସ୍ତ ପ୍ରକାର ସୁବିଧା କରାଯାଇଛି। ନିବାସର ଅନ୍ୟ ଅନ୍ତେବାସୀଙ୍କ ସହଯୋଗରେ ବରିଷ୍ଠ ନାଗରିକମାନଙ୍କୁ ଆଶାର ଆଲୋକ ମିଳିଛି ବୋଲି କହିଛନ୍ତି ବୃଦ୍ଧାବୃଦ୍ଧ।

## ଖବରକାଗଜ ବିତରକଙ୍କ ବିୟୋଗ

ଜଗନ୍ନାଥପ୍ରସାଦ,(ବିଭୁ ପ୍ରସାଦ ପଟ୍ଟନାୟକ): ଜଗନ୍ନାଥପ୍ରସାଦ ପ୍ରତାପପୁର ପଞ୍ଚାୟତ ବଣିଆପଲ୍ଲୀ ଗାଁର ଖବରକାଗଜ ବିତରକ ବଲ୍ଲବ ନାଇକ(୫୧) ମୃତ୍ୟୁ ଘଟିଛି। ପ୍ରତାପପୁର ଓ କୁତୁଡାଇ ଅଞ୍ଚଳରେ ଖବରକାଗଜ ବାଣ୍ଟି ଗୁଜୁରାଣ ମେଣ୍ଟାଉଥିଲେ। ସେ ଦୁଇ ମାସ ହେବ ଏକ ଦୁର୍ଘଟଣା ଏବଂ ପରେ ଲିଭର ଓ ଖାଦ୍ୟନଳୀ ରୋଗରେ ପୀଡ଼ିତ ହୋଇଥିଲେ। ଅର୍ଥ ଅଭାବରୁ ଉତ୍ତମ ଚିକିତ୍ସା ନ ପାଇ ପାରି ରବିବାର ସକାଳ ୭ଟା ସମୟରେ ଆରପାରିକୁ ଚାଲିଯାଇଛନ୍ତି। ଶେଷ ସମୟରେ ସ୍ତ୍ରୀ, ଝିଅ ଓ ପୁଅ ଶରତ ପାଖରେ ଥିଲେ।

## ସଂକ୍ଷେପରେ

### ନଦୀରେ ବୁଡ଼ି ମହିଳା ମୃତ

ମୋହନା,୧।୧୦(ମନ୍ମଥ ମିଶ୍ର)

ଅଡ଼ବା ଥାନା ଅନ୍ତର୍ଗତ ଶିକୁଳିଡିଅ ଗାଁର ଜଣେ ମହିଳାଙ୍କ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ସେରଣୀ ଭୂୟାଁ। ସେରଣୀ ଶନିବାର ସନ୍ଧ୍ୟାରେ କୁଲି କାମ କରି ନିଜ ଘରକୁ ଫେରିବା ବେଳେ ନନ୍ଦିଗ ନଦୀରେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ନ ପାଇବାରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜା ଖୋଜି କରିଥିଲେ। ରାତି ହୋଇଯିବାରୁ ଖୋଜିବା ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। ରବିବାର ଅଡ଼ବା ପୋଲିସ୍ ଓ ଅଗ୍ନିଶମ କର୍ମଚାରୀଙ୍କ ୨ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ମୃତଦେହ ଠାବ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ୍‌କୁ ପଠାଇଥିଲା।

### ବାଣିଜ୍ୟ ବିଭାଗରେ ସ୍ୱାଗତ ସମାରୋହ

ବାଲିଗୁଡା,୧।୧୦(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ପରିସରରେ ବାଣିଜ୍ୟ ସ୍ରୋତ ପକ୍ଷରୁ ଚଳିତ ବର୍ଷର ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି. ଯୋଗ ଦେଇଥିବା ବେଳେ ଅନ୍ୟଅତିଥି ମାନଙ୍କ ମଧ୍ୟରେ ବିଭାଗ ମୁଖ୍ୟ ଅଧ୍ୟାପକ ସରୋଜ କୁମାର ପାଠୀ, ଅଧ୍ୟାପକ ଶ୍ରୀକାନ୍ତ କୁମାର ସାହୁ ସଲାରାମ୍ ମାରାଣ୍ଡି, ଦଣ୍ଡପାଣି ଭୂୟାଁ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

### ରାଷ୍ଟ୍ରୀୟ ପୋଷଣ ମାସ ଉତ୍ସବ

ବୁଗୁଡ଼ା,୧।୧୦(କାଳି ଚରଣ ଦାଶ): ବୁଗୁଡ଼ା ସମ୍ମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅଙ୍ଗନୱାଡି କର୍ମୀମାନଙ୍କୁ ନେଇ ବ୍ଲକସ୍ତରୀୟ ପୋଷଣ ମାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ବିଡିଓ ସନ୍ତୋଷ କୁମାର ଜେନା ଓ ତହସିଲଦାର ତାପସ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପୋଷଣ କାର୍ଯ୍ୟକ୍ରମର ବ୍ଲକ୍ ସଂଯୋଜିକା ସମେତ ପ୍ରତି ସେକ୍ଟରରୁ ଜଣେ ଲେଖାଏଁ ଅଙ୍ଗନୱାଡି କର୍ମୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

### ଅଟୋ ସହ ଗଞ୍ଜେଇ ଜବତ, ୨ ଗିରଫ

ଫିରିଙ୍ଗିଆ,୧।୧୦(ବିକ୍ରମ ଦିଗାଲ)

ଫିରିଙ୍ଗିଆ ପୋଲିସ ରବିବାର ବାଲିକିଦାଡି ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଅଟୋରୁ ୩୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ଜଣଙ୍କୁ ଫୁଲବାଣୀ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଉଲିଙ୍ଗିଆର ନରଉତ୍ତମ ଦିଗାଲ ଓ ଜି.ଉଦେଇଗିରି ଥାନା ସୂଜେରି ଗାଁର ରୁବେନ ନାୟକ। ପୋଲିସ ଅଟୋକୁ ଜବତ କରିବା ସହ ନଂ. ୧୬୭/୨୩ରେ ମାମଲା ରୁଜୁ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

### ୫୧ କୁଣ୍ଡୀୟ ବୈଦିକ ଯଜ୍ଞ

ଭଞ୍ଜନଗର, ୧।୧୦(ବାବୁଲା ପ୍ରଧାନ)

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଦ୍ୱି ଶତବାର୍ଷିକୀ ଉପଲକ୍ଷେ ୫୧ କୁଣ୍ଡିୟ ବୈଦିକ ଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଚକାଡୋଲା ରିସୋର୍ଟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଶ୍ରୁତିନ୍ୟାସର ଅଧ୍ୟକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯଜ୍ଞର ଆବଶ୍ୟକତା ସମ୍ପର୍କରେ କହିବା ସହ ଜ୍ଞାନ ମାର୍ଗରେ ଚାଲି ଉତ୍ତମ ଚରିତ୍ର ଗଠନ କରିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଘୁମୁସର ଆବାସିକ ମହାବିଦ୍ୟାଳୟର ସଭାପତି ଅମର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶାନ୍ତ ମହାନ୍ତି ସଭାକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧାପିକା ଆରତି ବାଳା ପ୍ରଧାନ, ବୁଲୁଲି ମହାନ୍ତି, ଗୁନା ଜେନା, ସୀମାଞ୍ଚଳ ପଟ୍ଟନାୟକ, ଶତ୍ରୁଘ୍ନ ଦାସ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱାମୀଜୀଙ୍କୁ ଭଞ୍ଜନଗରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା।

# ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୋଲିସ



ପୋଲିସ ଆନ୍ଦୋଳନକାରୀଙ୍କୁ ନେଇଯାଉଛି।

**ପଟ୍ଟା ଦାବିରେ ଅନଶନ ୨୧ଦିନରେ ପହଞ୍ଚିଲା**

ଛତ୍ରପୁର, ୧।୧୦(ଦିଲୀପ ସାମଲ ): ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ନିକଟରେ ଛତ୍ରପୁର ତହସିଲ ଅଧୀନ ଆର୍ଯ୍ୟପଲ୍ଲୀ ରାଜସ୍ୱ ଗ୍ରାମର ଲୋକେ ପଟ୍ଟା ଦାବିରେ ଚଳାଇଥିବା ଆମରଣ ଅନଶନ ୨୧ ଦିନରେ ପହଞ୍ଚିଛି। ପୋଲିସ ଅନଶନକାରୀ ବି. କୈଳାଶ ଓ ଭୀମ ବେହେରାଙ୍କ ଦେହ ଅସୁସ୍ଥ ଦେଖାଇ ସେମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଉକ୍ତ ଅନଶନ ସ୍ଥଳରେ ପ୍ରଶାସନ ପକ୍ଷରୁ ବାଲି ଜମା କରାଯାଇଥିଲା। ଅନ୍ୟମାନଙ୍କୁ ପୋଲିସ ଉଠିଯିବା ପାଇଁ କହିଥିଲା। ସେମାନେ ନ ଉଠିବାରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ଛତ୍ରପୁର ଥାନାକୁ ନେଇଯାଇଥିଲା। ସେମାନେ ଏହାକୁ ତୀବ୍ର ବିରୋଧ କରି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ବିରୋଧରେ ନାରାବାଜି କରିଥିଲେ। ଏପରିକି ନ୍ୟାୟ ପାଇଁ ହାଇକୋର୍ଟରେ ଆଶ୍ରୟ ନେବେ ବୋଲି ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି। ପରେ ୬ଜଣ ଆନ୍ଦୋଳନକାରୀଙ୍କୁ ପୋଲିସ ୪୧ଆଇପିସି ଧାରାରେ ଥାନାରୁ ଜାମିନରେ ଛାଡିଛି। ଏହାପରେ ମଧ୍ୟ କିଛି ଆନ୍ଦୋଳନକାରୀ ପୁଣି ଅନଶନରେ ବସିରହିଲେ। ଏସଡିପିଓ ଗୌରହରି ସାହୁ ଓ ଛତ୍ରପୁର ଥାନା ଅଧିକାରୀ ନିରୋଧ କୁମାର ଦାଶ କହିଛନ୍ତି, ଆନ୍ଦୋଳନକାରୀଙ୍କୁ ବୁଝାଇବା ସତ୍ତ୍ୱେ ସେମାନେ ଜିଦରେ ଅଟଳ ରହିଛନ୍ତି। ଅନ୍ୟପକ୍ଷେରେ ଅନଶନକାରୀଙ୍କ ପକ୍ଷରୁ କୁହାଯାଇଛି ଦୀର୍ଘ ବର୍ଷ ହେଲା ଆର୍ଯ୍ୟପଲ୍ଲୀ ପଞ୍ଚାୟତ ସାନଆର୍ଯ୍ୟପଲ୍ଲୀ, ବଡ଼ଆର୍ଯ୍ୟପଲ୍ଲୀ, କେ.ଆର୍ଯ୍ୟପଲ୍ଲୀ ଓ କତୁରୁ ଗାଁର ପ୍ରାୟ ୧୮୦୦ ପରିବାର ଜମି ପଟ୍ଟା ପାଇ ନାହାନ୍ତି। ଏନେଇ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମି ପଟା ପାଇଁ ବହୁବାର ଛତ୍ରପୁର ତହସିଲଦାର,ଜିଲା ପ୍ରଶାସନକୁ ଗୁହାରି କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ପଟ୍ଟା ଦାବିନେଇ ଭାରତୀୟ ବିକାଶ ପରିଷଦ ଓ ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀଙ୍କ ପକ୍ଷରୁ ବହୁବାର ତହସିଲଦାର ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସମାଧାନ ନ ହେବାରୁ ଗତ ୧୧ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ ଚାଲିଛି।

# ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲେ ଠିକା କର୍ମଚାରୀ




ଛତ୍ରପୁର,୧।୧୦(ଦିଲ୍ଲୀପ ସାମଲ) ଛତ୍ରପୁର ବିଦ୍ୟୁତ ବିଭାଗ ଡିଭିଜନ ଅଧୀନରେ କାର୍ଯ୍ୟରତ ଗଞ୍ଜାମ, ରମ୍ଭା, ମାଲୁଦ ଓ ୩୩ କେଭି ଜିଏନଇଡି ଟିମର ବିଏ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ରବିବାର ଛତ୍ରପୁର ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବି ନେଇ ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୃଥକ ପୃଥକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଏ କର୍ମଚାରୀମାନେ ଜିଭି ଇଲେକ୍ଟ୍ରିକାଲ ଏଜେନ୍ସି ଅଧୀନରେ କାମ କରିଆସୁଥିଲେ। ମାତ୍ର ଉକ୍ତ ସଂସ୍ଥାର ଅଧିକାରୀମାନେ ସେମାନଙ୍କୁ କହିଥିଲେ ଯେ, ଅକ୍ଟୋବର ୧ରୁ କାମ କଲେ ଏଜେନ୍ସୀ ଦାୟୀ ନୁହେଁ । ବର୍ତ୍ତମାନ ଆଉ ଏକ ନୂତନ ଏଜେନ୍ସି ଏହାର ଦାୟିତ୍ୱ ନେଇଛି ବୋଲି ସେମାନଙ୍କୁ କହିଥିଲେ। ନୂତନ ଏଜେନ୍ସିର କିଛି ଅଧିକାରୀ ସେମାନଙ୍କୁ ୮ ଘଣ୍ଟାରୁ ଅଧିକ ପରିଶ୍ରମ କରିବା ନିମନ୍ତେ ବାଧ୍ୟ କରୁଛନ୍ତି ଏବଂ କିଛି କର୍ମଚାରୀଙ୍କୁ କାର୍ଯ୍ୟରୁ ଛଟେଇ କରିଦେବୁ ବୋଲି ମଧ୍ୟ ଧମକ ଦେଉଛନ୍ତି। ଫଳରେ ସେମାନେ ଏକତ୍ରିତ ହୋଇ ନିର୍ବାହୀ ଯନ୍ତ୍ରୀଙ୍କୁ ଗୁହାରି ଜଣାଇଛନ୍ତି। ସେମାନଙ୍କ ସମସ୍ୟା ତୁରନ୍ତ ପୂରଣ କରିବା ନିମନ୍ତେ ମଧ୍ୟ ଦାବି କରିଛନ୍ତି।

# ନିଜ କାର୍ଯ୍ୟାଳୟ ଛାଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ସଫା କଲେ ବ୍ୟାଙ୍କ କର୍ମଚାରୀ

ଦାରିଙ୍ଗବାଡି,୧।୧୦(ଅରୁଣ ସାହୁ )

ନିଜ କାର୍ଯ୍ୟାଳୟ ଛାଡ଼ି ବ୍ୟାଙ୍କ କର୍ମଚାରୀ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଫେଇ କରୁଥିବା ଦେଖିବାକୁ ମିଳିଛି। ନିଜ କାର୍ଯ୍ୟାଳୟରେ ଅବାର୍ଜନ ପଡ଼ିଥିବା ବେଳେ ବ୍ୟାଙ୍କର କେତେଜଣ କର୍ମଚାରୀ ପ୍ରଚାର ପ୍ରସାର ପାଇଁ ଟି-ସାର୍ଟ ବଣ୍ଟନ ଓ ଫୋଟ ଉଠାକୁ ଅଧିକା ଗୁରୁତ୍ୱ ଦେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି।ତ୍ ରବିବାର ଦାରିଙ୍ଗବାଡିରେ ସଫେଇ କାର୍ଯ୍ୟାକ୍ରମ ଚାଲିଥିଲା। ଏହାକୁ ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ର, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ ସଫେଇ କରୁଥିବା ବେଳେ ବ୍ୟାଙ୍କ ପରିସରରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିଥିବା ଦେଖି ତୁରନ୍ତ ଶାଖା ପରିଚାଳକଙ୍କୁ ନିଜ ପରିସର ସଫେଇ କରିବାକୁ କହିଥିଲେ। ବାଧ୍ୟ ହୋଇ ବ୍ୟାଙ୍କ କର୍ତ୍ତୃପକ୍ଷ ସଫେଇ କାର୍ଯ୍ୟରେ ଲାଗିଥିଲେ। ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବ୍ୟାଙ୍କର କେତେଜଣ କର୍ମଚାରୀ ସଫେଇ ପ୍ରଚାର ପ୍ରସାର ପାଇଁ ଟିସାର୍ଟ ବଣ୍ଟନ ଓ ଫୋଟ ଉଠାକୁ ଅଧିକା ଗୁରୁତ୍ୱ ଦେଉଥିବାରୁ ଜାଗୃତି ସମ୍ପାଦକ ବ୍ୟାଙ୍କ କର୍ମଚାରୀ ନିଜ କାର୍ଯ୍ୟାଳୟ ପରିସରକୁ ସଫା ରଖିବାକୁ ପରାମର୍ଶ ଦେଇଥିଲେ।




ସଫେଇ ପରେ ବ୍ୟାଙ୍କ କର୍ମଚାରୀ ଓ ପ୍ରଶାସନ, ସ୍ଥାନୀୟ ଲୋକେ।

- ସଫେଇ ନାଁରେ ଚାଲିଛି ପ୍ରଚାର
- ପୂତିଗନ୍ଧମୟରେ ଲୋକେ ହନ୍ତସନ୍ତ
- ଶୀଘ୍ର ଶୌଚାଳୟ କରିବାକୁ ପ୍ରଶାସନର ନିର୍ଦ୍ଦେଶ

ପରେ ପ୍ରଶାସନ ପକ୍ଷରୁ ବ୍ୟାଙ୍କ କର୍ମଚାରି ଓ ଘର ମାଲିକଙ୍କୁ ଡକାଇ ପରିସର ମଧ୍ୟରେ ତୁରନ୍ତ ଗୋଷ୍ଠୀ ଶୌଚାଳୟ କରିବା ସହ ବର୍ଜ୍ୟବସ୍ତୁ ନିୟମିତ ସଫା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଞ୍ଚଳରେ ବୃହତ ବ୍ୟାଙ୍କ ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ରହିଥିବା ବେଳେ ପ୍ରତିଦିନ ଶହଶହ ଗ୍ରହକ ଆସୁଛନ୍ତି। ଗୋଷ୍ଠୀ ଶୌଚାଳୟ କିମ୍ବା ବର୍ଜ୍ୟବସ୍ତୁ ପକାଇବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନଥିବାରୁ ଅସନ୍ତୋଷ ଦେଖାଯାଇଥିଲା।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ବୁଗୁଡ଼ା,୧।୧୦(କାଳି ଚରଣ ଦାଶ) ଭାଜପା ପକ୍ଷରୁ ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମରେ ଦେଶ ପାଇଁ ବଳିଦାନ ଦେଇଥିବା ବୀର ଶହିଦଙ୍କ ପାଇଁ ସମର୍ପିତ ଅଭିଯାନ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ ଚନ୍ଦ୍ର ମହାନ୍ତି, ନୀଳମଣି ବିଷୋୟୀ, ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ଏସ ସି ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ, ଲୋକସଭା ବିସ୍ତାରକ ସନ୍ତୋଷ ବିଶ୍ୱାଳ, ପୋଲସରା ବିସ୍ତାରକ ସୌମ୍ୟ ରଞ୍ଜନ ସାହୁ, ମଣ୍ଡଳ ସଭାପତି ସୁଶାନ୍ତ କୁମାର ଡାକୁଆ, ଗୋପାଳ ଗୌଡଙ୍କ ସମେତ ବହୁ ଯୁବ କାର୍ଯ୍ୟକର୍ତ୍ତା ଯୋଗଦେଇ ଘରକୁ ଘର ଯାଇ ଅମୃତ କଳସରେ ମାଟି ସଂଗ୍ରହ କରିଥିଲେ।

# ସ୍ୱଚ୍ଛତା ହିଁ ସେବା ଅଭିଯାନ

କବିସୂର୍ଯ୍ୟନଗର/କୋଦଳା/ରମ୍ଭା (କୃପାସିନ୍ଧୁ ସ୍ୱାଇଁ/ଅମିତ କୁମାର ପଟ୍ଟନାୟକ/ବନବାସୀ ସେଠୀ)୧।୧୦

କବିସୂର୍ଯ୍ୟନଗର ମେଡିକାଲଠାରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଶାନ୍ତ କୁମାର, ଏନ୍‌ଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ, ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ ସାମିଲ ହୋଇଥିଲେ। ସେହିପରି କୋଦଳା ତାଲୁକା ଆଇନ ସହାୟତା କମିଟି ପକ୍ଷରୁ ଏଡିଜେ ଚିନ୍ମୟ ଗୋଛାୟତ, ପ୍ରଥମ ଶ୍ରେଣୀ ବିଚାରପତି ବିମଳଲକ୍ଷ୍ମୀ ଚୌଧୁରୀଙ୍କ ଉପସ୍ଥିତିରେ ସମସ୍ତ କର୍ମଚାରୀ କୋର୍ଟ ପରିସର ସଫେଇ କରିଥିଲେ। ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ, ଓକିଲ ସଂଘ ଉପସଭାପତି ଅବନୀ ଶଙ୍କର ମିଶ୍ର ଉପସ୍ଥିତ ଥିଲେ। କୋଦଳା ଏନ୍‌ଏସି ପକ୍ଷରୁ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକଙ୍କ ନେତୃତ୍ୱରେ ସଫେଇ କର୍ମଚାରୀମାନେ ଦଣ୍ଡିଶ୍ୱର ମନ୍ଦିର ଏବଂ ମେଡିକାଲ ପରିସର ସଫେଇ କରିଥିଲେ। କନିଷ୍ଠ ସଫେଇ ଅଧିକାରୀ ଚନ୍ଦ୍ରକାନ୍ତ ମାରାଣ୍ଡି, ଠିକାଦାର ସୁପରଭାଇଜର ରଞ୍ଜିତ କୁମାର ପଲତାଙ୍କ ସହ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ବ୍ଲକ ହରିପୁର ବୁରୁଡି ଗ୍ରାମରେ ନାୟବ ସରପଞ୍ଚ ବିଷ୍ଣୁପ୍ରିୟା ନାହାକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଳାସ ନାହାକ, କାହ୍ନୁ ନାହାକ,ମନୋଜ ନାହାକ, ପ୍ରଗତି ନାହାକ, ରେଣୁପ୍ରଭା ନାହାକ, ବସନ୍ତ ଦାସ, ଜେ. ଜେମା, ବିଶ୍ୱଜିତ ନାହାକ, ରମ୍ଭାରାଣୀ ବେହେରା, ଦୀପିକା ନାହାକ, ସଂଯୁକ୍ତା ନାହାକ, ଟିଙ୍କିଲି ପଲାଇ, ଚନ୍ଦ୍ରମୋହନ ବେହେରା ପ୍ରମୁଖ ଯୋଗଦେଥିଲେ। ପଞ୍ଚାୟତର ନିର୍ବାହୀ ଅଧିକାରୀ କମଳକାନ୍ତ ପଣ୍ଡା, ପଞ୍ଚାୟତ ରୋଜଗାର ସେବକ ବିନୋଦ ବିହାରୀ ପ୍ରଧାନ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆର.ଉଦୟଗିରି,୧।୧୦(ମନୋଜ କୁମାର ପାଢୀ)

ଆର.ଉଦୟଗିରି ବ୍ଲକ ଛେଲିଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଣ୍ଡେଲା ଭେଙ୍କଟ ରମଣଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୨୦୨୦ ଅକ୍ଟୋବର ୧୩ ତାରିଖରେ ଏହି ବିଦ୍ୟାଳୟକୁ ଆସି ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ତାଙ୍କ ଆଦର୍ଶ, ଛାତ୍ର ବତ୍ସଳତା ଓ ଶିକ୍ଷାଦାନ ଶୈଳୀରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ନ ଖୁସିଥିଲେ। ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ମିଶି ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଆଦି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ତାଙ୍କୁ ଛେଲିଗଡ ସହର ପରିକ୍ରମା କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ।

# ୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ଦାରିଙ୍ଗବାଡି,୧।୧୦(ଅରୁଣ ସାହୁ)

କନ୍ଧମାଳ ଜିଲା ଦେଇ ବାହାର ଜିଲାକୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ପୋଲିସ ୨ ଜଣକୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳର ସନ୍ତୋଷ ବେହେରା ଏବଂ ନିରଞ୍ଜନ ସ୍ୱାଇଁ। ସେମାନଙ୍କଠାରୁ ୫ କେଜି ଗଞ୍ଜେଇ ଜବତ କରାଯାଇଥିବା ଦାରିଙ୍ଗବାଡି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସେମାନେ ଏକ ସ୍କୁଟିରେ ଏହି ଗଞ୍ଜେଇ ନେଇ ଗଞ୍ଜାମ ଅଭିମୁଖେ ଯାଉଥିବା ବେଳେ ଧରାପଡ଼ିଥିଲେ। ବେଆଇନ ନିଶା କାରବାର କରୁଥିବା ଅଭିଯୋଗରେ ପୋଲିସ ନଂ.୧୭୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି କହିଛନ୍ତି।

# ମୋ ଆଦର୍ଶ ରାଜସ୍ୱ ଗ୍ରାମ ଗଠନ କରି ଲୋକଙ୍କ ସମସ୍ୟା ବୁଝିଲେ

ମୋହନା,୧।୧୦(ମନ୍ମଥ ମିଶ୍ର): ମୋ ଆଦର୍ଶ ରାଜସ୍ୱ ଗ୍ରାମ ଗଠନ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି ତହସିଲଦାର। ଦୁର୍ଗମ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ସିଧାସଳଖ ପ୍ରଶାସନ ପହଞ୍ଚି ବିଭିନ୍ନ ସମସ୍ୟାର ସମାଧାନ କରି ଚର୍ଚ୍ଚାରେ ମୋହନା ତହସିଲଦାର ହିମାଂଶୁ ଭୂଷଣ ପଲାଇ। ଦୁର୍ଗମ ଅଞ୍ଚଳର ଅଧିବାସୀଙ୍କ ନିକଟରେ ଜାତିଗତ ପ୍ରମାଣ ପତ୍ର, ବାସିନ୍ଦା ପ୍ରମାଣ ପାତ୍ର, ଆୟ ପ୍ରମାଣ ପାତ୍ର ନ ଥିବାରୁ ସେମାନେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ପିଲାମାନେ ମଧ୍ୟ ପାଠ ପଢାରୁ ବଞ୍ଚିତ ହେଉଛନ୍ତି। ଏଭଳି ପରିସ୍ଥିତିରେ ତହସିଲ ପକ୍ଷରୁ ପ୍ରଶାସନ କିଭଳି ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚି ସମସ୍ୟାର ସମାଧାନ କରାଯିବ ସେଥିପାଇଁ ତହସିଲଦାର ଏହି ପ୍ରୟାସ ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୮ ପଞ୍ଚାୟତର ୮ଟି ଗାଁକୁ ମୋ ଆଦର୍ଶ ରାଜସ୍ୱ ଗ୍ରାମ ଭାବରେ ଗଠନ କରି ସମସ୍ୟା ସମାଧାନ କରିଛନ୍ତି। ତହସିଲ କାର୍ଯ୍ୟାଳୟ ଠାରୁ ମୋହନା ବ୍ଲକର ବହୁ ଦୁର୍ଗମ ଗାଁଗୁଡିକୁ ପ୍ରାୟ ୬୦/ ୭୦ କିମି ଦୂର ହେଉଥିବା ବେଳେ ସବୁ କାର୍ଯ୍ୟ କରିବା ପାଇଁ ଲୋକଙ୍କୁ ମୋହନା ତହସିଲ କାର୍ଯ୍ୟାଳୟ ଉପରେ ନିର୍ଭର କରି ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏବେ ପ୍ରଶାସନ ପକ୍ଷରୁ ମୋ ଆଦର୍ଶ ରାଜସ୍ୱ ଗ୍ରାମ ଅଭିଯାନ ଜରିଆରେ ଲୋକଙ୍କ ନିକଟରେ ପହଞ୍ଚି ସୁବିଧା ଯୋଗାଇ ଦେଇଥିବାରୁ ଗ୍ରାମବାସୀ ବେଶ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଏହିସ୍ଭଳି ମୋ ରାଜସ୍ୱ ଆଦର୍ଶ ଗ୍ରାମରେ ସାମିଲ କରି ଲୋକଙ୍କ ସମସ୍ୟା ସମାଧାନ କରାଯିବ ବୋଲି ତହସିଲଦାର କହିଛନ୍ତି।

**ମୋହନା ତହସିଲଦାରଙ୍କ ପ୍ରୟାସ**



ପ୍ରମାଣପତ୍ର ସହ ଗ୍ରାମବାସୀ ଓ ଅଧିକାରୀ ।

# ଚାରିଛକ ଗାନ୍ଧୀ ଛକରେ ନାମିତ ହେବ

ଦାରିଙ୍ଗବାଡ଼ି,୧।୧୦(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ବ୍ଲକ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ଶୀତ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ କମିଟିର ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀରେ ଦିନତମାମ୍ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନାରୁ ଜଣାପଡିଛି ଯେ, ଦାରିଙ୍ଗବାଡ଼ି ଚାରିଛକକୁ ଗାନ୍ଧୀ ଛକ ଭାବେ ଘୋଷଣା ସହ ଗାନ୍ଧୀ ମୂର୍ତ୍ତି ଉନ୍ମୋଚନ କରାଯିବ। ବ୍ଲକ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ଜଙ୍ଗଲ ଜମିପଟ୍ଟା, ବିଭିନ୍ନ ହିତାଧିକାରୀଙ୍କୁ ଭତ୍ତା ଓ ଜବ୍‌କାର୍ଡ ବଣ୍ଟନ କରାଯିବ। ରବିବାର ସଫେଇ କାର୍ଯ୍ୟକ୍ରମରେ ସରକାରୀ ଆଇଟିଆଇ ଓ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେବାକୁ ସ୍ଥିର କରାଯାଇଛି। ସେହିପରି ବ୍ଲକ ଅଞ୍ଚଳରେ ବିଭିନ୍ନ ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯିବାକୁ କୁହାଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସେହିପରି ଶୀତ ଉତ୍ସବ ସଫଳତାର ସହ ପାଳନ ଲାଗି ଚଳିତବର୍ଷ ସମସ୍ତ କମିଟି ସଦସ୍ୟ ସହଯୋଗ କରିବାକୁ କମିଟିର ସମ୍ପାଦକ ତଥା ବିଡିଓ ପାତ୍ର ସମସ୍ତଙ୍କୁ ନିବେଦନ କରିଥିଲେ। ବୈଠକରେ ତହସିଲଦାର ଶରତ ଶବର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ସରକାରୀ ଆଇଟିଆଇ ଅଧ୍ୟକ୍ଷ ପ୍ରଦୀପ ସାହୁ, ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, ବରିଷ୍ଠ ଆଇନଜୀବୀ ଉମେଶ କର, ବରିଷ୍ଠ ନାଗରିକ ସଙ୍ଘ ସମ୍ପାଦକ ପତିତ ପାବନ ରାଉତ, ଶିକ୍ଷକ ମୋହନ ସାହୁ, ଶ୍ୟାମସୁନ୍ଦର ଦିଗାଲ, ରମେଶ ଚନ୍ଦ୍ର ସାହୁ, ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ଜୀବନେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌କେଏସ୍‌ପି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ

ଫୁଲବାଣୀ, ୧।୧୦(ରାକେଶ କୁମାର ରାଉତ) ଷାଠିଏ ଦଶକରୁ ପାଠକୀୟ ରୁଚିର ବିକାଶ, କ୍ରୀଡାର ପ୍ରସାର, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପିଲା-ବଡ଼ ସମସ୍ତଙ୍କୁ ଉତ୍ସାହିତ କରିବା, ନାଟକ ମଞ୍ଚସ୍ଥ, ସାହିତ୍ୟ ଆଲୋଚନା, ପତ୍ରିକା ପ୍ରକାଶନ ଆଦି ଗତିବିଧିରେ ଚଳଚଞ୍ଚଳ ଫୁଲବାଣୀର ଅନ୍ୟତମ ପୁରାତନ ଅନୁଷ୍ଠାନ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ(ଏମ୍‌କେଏସ୍‌ପି)ରେ ଗାନ୍ଧୀ ଜୟନ୍ତୀ, ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଏବଂ ବାର୍ଷିକ ଉତ୍ସବ ପାଳନ ଅବସରରେ ଦୁଇ ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ରବିବାର ପ୍ରଥମ ଦିନରେ ଦୁଇଦିନ ବ୍ୟାପୀ ଭଲିବଲ୍ ଟୁର୍ନାମେଣ୍ଟକୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲଳିତ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ବିଜୟକୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଶରତ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ କରି ମୁଖ୍ୟଅତିଥି ପଟ୍ଟନାୟକ ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି ଟୁର୍ନାମେଣ୍ଟରେ ୮ ଦଳ ଭାଗ ନେଇଛନ୍ତି।

ସେହିପରି ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏମ୍‌କେଏସ୍‌ପିରେ ଜିଲା ପ୍ରଶାସନ ସହ ମିଳିତ ପ୍ରୟାସରେ ଗାନ୍ଧୀ ଜୟନ୍ତୀ ପାଳନ କରାଯିବ। ଏହି ଅବସରରେ ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ସମ୍ପର୍କୀତ ଆଲୋଚନାଚକ୍ର ସହ କ୍ରୀଡ଼ା ସଂଘ ସହଯୋଗରେ କନ୍ଧମାଳରେ କ୍ରୀଡ଼ାର ପ୍ରସାର ଆଲୋଚନା, ବାର୍ଷିକ ଉତ୍ସବ ଅବସରରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର, କଲେଜ ଅଧ୍ୟକ୍ଷ ଡ. ସୁବାଷ ପ୍ରଧାନଙ୍କ ସମେତ ବହୁ ଆଲୋଚକ ଏବଂ ପୌର ପରିଷଦ ଅଧ୍ୟକ୍ଷା ସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏମ୍‌କେଏସ୍‌ପି ସଭାପତି ପଟ୍ଟନାୟକ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଖେଳାଳି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨ ଅକ୍ଟୋବର, ୨୦୨୩



# ମାଟିଆଗୁଣ୍ଡି ପୋକ ପାଇଁ ଚାଷୀଙ୍କ ଚିନ୍ତା ବଢୁଛି

■ ବଜାରରେ ୟୁରିଆ ବସ୍ତା ପ୍ରତି ୨୦୦ଟଙ୍କା ଅଧିକ ଦର

■ ଋଣ ଶୁଝିବା ଆଶଙ୍କାରେ ଚାଷୀ

କେନ୍ଦ୍ରାପଡ଼ା, ୧।୧୦(ଜଗନ୍ନାଥ ଧଳ)

ଚଳିତବର୍ଷର ଲଗାଣ ବର୍ଷା, ବନ୍ୟା ପରେ ସାର ଓ ରାସାୟନିକ ଔଷଧର ଅଭାବ ଚାଷୀଙ୍କ ଚିନ୍ତାର କାରଣ ସାଜିଛି। ମାଟିଆଗୁଣ୍ଡି ପୋକ ଜିଲାର ସମସ୍ତ ବ୍ଲକ ଅଞ୍ଚଳର ଖରିଫ ଧାନ ଚାଷ ଉପରେ ପ୍ରଭାବ ପକାଇଥିବା ବେଳେ ସାରର ଅଭାବୀ ବିକ୍ରି ଚାଲିଛି। ୟୁରିଆ ବସ୍ତା ପ୍ରତି ୨୦୦ ଟଙ୍କା ଉଚ୍ଚ ଦରରେ ଚାଷୀ କିଣିବାକୁ ବାଧ ହେଉଛନ୍ତି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଚାଷୀଙ୍କ ପାଇଁ ଚଳିତବର୍ଷ ସଙ୍କଟମୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଥମେ ଲଗାଣ ବର୍ଷା ଓ ପରେ ବନ୍ୟା ଆସି ଖରିଫ ଚାଷକୁ ନଷ୍ଟ କରିଥିଲା। ତେବେ ଚାଷୀମାନେ ପୁଣି ଥରେ ଧାନ ରୋଇ ଜୀବିକା ନିର୍ବାହ କରିବାକୁ ଆଶା ବାନ୍ଧିଥିବା



କ୍ଷେତରେ ପୋକ ଲାଗି ଧାନ ଗଛ ନଷ୍ଟ ହୋଇଛି।

ବେଳେ କ୍ଷେତରେ ମାଟିଆଗୁଣ୍ଡି ପୋକ ଦେଖାଦେଇଛି। ସେହିପରି ଜିଲା ମଧ୍ୟରେ ଥିବା ୧୨୧ ପାକ୍ସ ମଧ୍ୟରୁ ୨୯ଟିରେ ୟୁରିଆ ସାର ପହଞ୍ଚି ନାହିଁ। ଫଳରେ କେତେଜଣ ସାର ବ୍ୟବସାୟୀ ଏହାର ଫାଇଦା ଉଠାଉଛନ୍ତି। କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ପ୍ରତିବର୍ଷ ଖରିଫ ଧାନ ସମୟରେ ପୋକ ଲାଗିବା ଫଳରେ ୩୦ରୁ ୪୦ ପ୍ରତିଶତ ଚାଷ ନଷ୍ଟ ହେଉଛି। ଏ ନେଇ କୃଷି ବିଶେଷଜ୍ଞ ନିରୀକ୍ଷଣ କରି ଆବଶ୍ୟକ ପରାମର୍ଶ ସହ ରାସାୟନିକ ସାର ଓ ଔଷଧ ବ୍ୟବସ୍ଥା କରିବା କଥା। ସାର ଓ ଔଷଧ ପର୍ଯ୍ୟାପ୍ତ ପରିମାଣରେ ଜିଲାରେ ମିଳୁ ନ ଥିବାରୁ ଚାଷୀଙ୍କ କ୍ଷତିଭରଣା ସରକାର କରିବା ଆବଶ୍ୟକ। କେନ୍ଦ୍ରାପଡ଼ା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କହିଛନ୍ତି, ଚଳିତବର୍ଷ ଚାଷ ପାଇଁ ନିକଟସ୍ଥ ସମବାୟ ସମିତିରୁ ୩୦ ହଜାର ଟଙ୍କା ଋଣ କରିଛି। ତେବେ ସାରର ଅଭାବ ଓ ପୋକଙ୍କ ପାଦୁର୍ଭାବରେ ଚାଷ ଜମି ନଷ୍ଟ ହୋଇଛି। ଏପରିସ୍ଥିତିରେ ଋଣ ଶୁଝିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର କହିଛନ୍ତି, ଜିଲାର କେନ୍ଦ୍ରାପଡ଼ା ବ୍ଲକକୁ ଛାଡ଼ି ଅନ୍ୟ ୮ଟି ବ୍ଲକରେ ମାଟିଆଗୁଣ୍ଡି ପୋକ ଦେଖାଦେଇଛି। ଜମିରୁ ପାଣି ନିଷ୍କାସନ କରି ପୁନର୍ବାର ପାଣି ଭରିବା, ଏ ସମୟରେ ଯବକ୍ଷାରଯାନ ଜାତୀୟ ସାର ପ୍ରୟୋଗ ନ କରିବା, ଅନୁମୋଦିତ ଭାବେ ପଟାସ ସାର ପ୍ରୟୋଗ କରିବା ଆଦି କେତେକ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ଚାଷୀଙ୍କୁ ସତର୍କ କରାଯାଉଛି। ଏ ସଂକ୍ରାନ୍ତରେ ଜିଲା କୃଷି ଅଧିକାରୀ ତୁଷାରକାନ୍ତି ସାମଲ କହିଛନ୍ତି, ଗୋଟିଏ ପ୍ରକାର କୀଟନାଶକ ଔଷଧ ବ୍ୟବହାର ନ କରି ଅଦଳବଦଳ ପାଇଁ ପରାମର୍ଶ ଦିଆଯାଉଛି। ୫୦ ପ୍ରତିଶତ ରିହାତିରେ ରାସାୟନିକ ଔଷଧ ଚାଷୀଙ୍କ ପାଇଁ ଯୋଗାଇ ଦିଆଯାଉଥିବା ଓ ସାରର ଅଭାବୀ ବିକ୍ରିକୁ ରୋକାଯାଉଛି ବୋଲି ସୂଚନା ଦେଇଛନ୍ତି।

# ଟଙ୍କା ହଡ଼ପ ପାଇଁ ଅପହରଣ ନାଟକ ରଚିଥିଲେ ଏଜେଣ୍ଟ

■ ଘରୋଇ ଅର୍ଥ ଲଗାଣ ସଂସ୍ଥାର ଟଙ୍କା ନେଇ ଫେରାର ହୋଇଥିଲେ

■ ମୋବାଇଲ୍ ଟ୍ରାକ୍‌ରେ ପୋଲିସ ଗିରଫ କଲା

■ ଜବତ କଲା ୧ଲକ୍ଷ ୬ ହଜାର

ମହାକାଳପଡ଼ା,୧।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ରାଜନଗରସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କଲେକ୍ସନ ଏଜେଣ୍ଟ ଆଦାୟ କରିଥିବା ଟଙ୍କାକୁ ଦେଖି ନିଜର ଲୋଭକୁ ସମ୍ବରଣ କରିପାରି ନ ଥିଲେ। ନିଜକୁ ନିଜେ ଅପହରଣ ହୋଇଥିବା ନାଟକ କରି ଆଦାୟ ଟଙ୍କାକୁ ହଡ଼ପ କରିଥିବା ଯୋଜନା ପୋଲିସ ଲାଗି ଶେଷରେ ଫସରଫାଟିଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ତନ୍ତିଆପାଳ ସାମୁଦ୍ରିକ ଥାନାରେ ପୋଲିସ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଉପଖଣ୍ଡ ପୋଲିସ ଅଧିକାରୀ ଦେବେନ୍ଦ୍ର କୁମାର ମଲିକ ଓ ଆଇଆଇସି ସଞ୍ଜୟ କୁମାର ମଲିକ ଯୋଗଦେଇ କଲେକ୍ସନ ଏଜେଣ୍ଟ ଟଙ୍କା ହଡ଼ପ କରିବା ପାଇଁ ଅପହରଣ ନାଟକ ରଚିଥିଲେ। ପୋଲିସ ଏଜେଣ୍ଟଙ୍କ ମୋବାଇଲ୍ ଟ୍ରାକ୍ କରି କଟକରୁ ତାଙ୍କୁ ଗିରଫ କରିଛି। ତାଙ୍କଠାରୁ ୧ ଲକ୍ଷ ୬ ହଜାର ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଥାନା ଅଧୀନ ବାବର



ଥାନାରେ ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ଅଭିଯୁକ୍ତ ସ୍ୱାଗତ।

ବଜାର ନିକଟରେ ରାଜନଗରସ୍ଥିତ ଏକ ଅର୍ଥ ଲଗାଣ ସଂସ୍ଥାର କଲେକ୍ସନ ଏଜେଣ୍ଟ ସ୍ୱାଗତ ସାମଲ (୪୫) ବୁଧବାର ସନ୍ଧ୍ୟାରେ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକ ଓ ସଂସ୍ଥା ପରିଚାଳକ ସୁନୀଲ କୁମାର ଦାସ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ନିକଟରେ ୨ ଲକ୍ଷ ୬୫ହଜାର ଟଙ୍କା ଥିଲା। କୌଣସି ଲୋକ ସ୍ୱାଗତଙ୍କୁ ଅପହରଣ କରି ଟଙ୍କା ନେଇ ବାଇକ୍, ବ୍ୟାଗ୍ ଓ ଚପଲ ପିଙ୍ଗି ଫେରାର ହୋଇଯାଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏ ନେଇ ଥାନାରେ ନଂ. ୧୪୦/୨୩ରେ ମାମଲା ରୁଜୁ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସ୍ୱାଗତ ବୁଧବାର ସନ୍ଧ୍ୟାରେ ସମସ୍ତ ଅର୍ଥ ନେଇ ଫେରାର ହେବା ପାଇଁ ବାଇକ୍, ବ୍ୟାଗ୍ ଫିଙ୍ଗି ଏକ କାର୍ ଯୋଗେ ପ୍ରଥମେ କେନ୍ଦ୍ରାପଡ଼ା ଯାଇଥିଲେ। ପରେ ଅନ୍ୟ ଏକ ଭଡ଼ା ଗାଡିରେ କଟକକୁ ଯାଇ କିଛି ଦାମୀ ପୋଷାକ ସହ ଅନ୍ୟ ସାମଗ୍ରୀ କିଣି ରାତିରେ ଏକ ଲଜ୍‌ରେ ରହିଥିଲେ। ପରଦିନ ପୋଲିସ ସ୍ୱାଗତଙ୍କ ମୋବାଇଲ୍ ଟ୍ରାକ୍ କରି ଗିରଫ କରିବାରେ ସଫଳ ହୋଇଥିଲା। ତେବେ ସ୍ୱାଗତ ୨ ଲକ୍ଷ ୬୫ ହଜାର ଟଙ୍କାରୁ ୧ ଲକ୍ଷ ୨୩ ହଜାର ଟଙ୍କା ନଗଦ ପାଖରେ ରଖିଥିଲେ। ସେଥିରୁ ୧୭ ହଜାର ଟଙ୍କା କାର ଭଡ଼ା, ପୋଷାକ କିଣା ଓ ଲଜ୍‌ରେ ଖର୍ଚ୍ଚ କରିଥିଲେ। ଅବଶିଷ୍ଟ ଅର୍ଥ ଅନଲାଇନ୍‌ରେ ଜମା କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ତେବେ ପୋଲିସ ସ୍ୱାଗତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ମଲିକ କହିଛନ୍ତି।

# ସମସ୍ତ ସମ୍ପତ୍ତି ସରକାରଙ୍କୁ ଦାନ କରିବାକୁ ବୃଦ୍ଧା ଉଷାଙ୍କ ଘୋଷଣା

## ଜନ୍ମ କଲା ଝିଅପୁଅ ହେଲେନି, ବରିଷ୍ଠ ନାଗରିକ ନିବାସରେ କଟୁଛି ଜୀବନ

ମହାକାଳପଡ଼ା, ୧।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଜଣେ ବୃଦ୍ଧା ନିଜ କୋହଭରା କଣ୍ଠରେ କହିଛନ୍ତି, ନିଜର ଜନ୍ମକଲା ଝିଅପୁଅ ପଚାରିଲେ ନାହିଁ। ପରିଣତ ବୟସରେ ଜୀବନ ବଞ୍ଚାଇବା ଦୁର୍ବିଷହ ହୋଇପଡ଼ିଥିଲା। ଏହି ସମୟରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସୀସ୍ଥିତ ବରିଷ୍ଠ ନାଗରିକ ନିବାସ




ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ପରିଡ଼ାଙ୍କ ସହିତ ଉଷା ନାୟକ।

ମୋର ସମସ୍ତ ଦାୟିତ୍ୱ ନେଇଥିଲା। ତେଣୁ ମୋର ସମସ୍ତ ସମ୍ପତ୍ତି ସରକାରଙ୍କୁ ଦାନ କରିବି ବୋଲି ଜିଲାର ତରାଣ୍ଡ ଅଞ୍ଚଳର ବୃଦ୍ଧା ଉଷା ନାୟକ (୭୫) କହିଛନ୍ତି। ରବିବାର ପୂର୍ବାହ୍ନରେ ବରିଷ୍ଠ ନାଗରିକ ନିବାସରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜନପ୍ରତିନିଧି ଓ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ଏଠାରେ ଅଞ୍ଚଳର ୨୫ ଜଣ ବୃଦ୍ଧାବୃଦ୍ଧ ଘର ଛାଡି ଅବଶିଷ୍ଟ ଜୀବନ ଆରମ୍ଭ କରିଛନ୍ତି। ହେଲେ ତରାଣ୍ଡର ଉଷାଙ୍କ କହିବା କଥା ନିଜ ଜନ୍ମକଲା ଝିଅପୁଅମାନେ ପଚାରିଲେ ନାହିଁ। ଜିଲା ପ୍ରଶାସନ ସହାୟତାରେ ଏହି ନିବାସରେ ବର୍ଷେ ହେବ ରହି ଆସୁଛି। ଏହି ନିବାସରେ ରହିବା ପରେ ସ୍ୱର୍ଗ ସୁଖ ମିଳୁଛି। ପୁଅ ମୋତେ ବୋଝ ଭାବି ଘର ଛାଡ଼ି ନିଜ ଶ୍ୱଶୁର ଘରେ ରହୁଛି। ବାଧ ହୋଇ ଜିଲା ପ୍ରଶାସନର ସହାୟତା ନେଇଥିଲି। ଜିଲା ପ୍ରଶାସନ ପକ୍ଷରୁ ବର୍ଷେ ପୂର୍ବେ ଏହି ବରିଷ୍ଠ ନାଗରିକ ନିବାସରେ ଥଇଥାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୃଦ୍ଧା ଉଷା କ୍ଷୋଭର ସହ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ାଙ୍କ ଉପସ୍ଥିତିରେ କହିଛନ୍ତି, ମୋର ସମସ୍ତ ସମ୍ପତ୍ତି ସରକାରଙ୍କୁ ଦାନ କରିବା ପାଇଁ ଦୃଢ଼ ନିଷ୍ପତ୍ତି ଗ୍ରହଣ କରିଛି। ମୋର ଅବଶିଷ୍ଟ ଜୀବନ ଏହି ନିବାସରେ ଅତିବାହିତ କରିବି।

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଜିଲାସ୍ତରୀୟ ଆଲୋଚନାଚକ୍ର

# ସମ୍ପାଦକଙ୍କୁ ଭବ୍ୟ ସମ୍ବର୍ଦ୍ଧନା




ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ନୃତ୍ୟ ମାଧ୍ୟମରେ ଧରିତ୍ରୀ ପାଇଁ ସ୍ୱତନ୍ତ୍ର ସଙ୍ଗୀତ ପରିବେଷଣ କରାଯାଉଛି।

ଜଗତ୍‌ସିଂହପୁର, ୧।୧୦ (ପ୍ରମୋଦ କୁମାର ନାୟକ)

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ପୂର୍ବରୁ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନେକ ଛାତ୍ରୀଛାତ୍ର ପ୍ରସଙ୍ଗଭିତ୍ତିକ ବକ୍ତୃତା ଦେଇଥିଲେ। ସେମାନଙ୍କ ମଧ୍ୟରୁ କୃତୀ ଛାତ୍ରୀଛାତ୍ରଙ୍କୁ ଗତ ୩୦ ତାରିଖରେ ଜଗତ୍‌ସିଂହପୁରସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପାରାଦୀପର ଇଫ୍‌କୋ (ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ ଲିମିଟେଡ୍) ସହାୟତାରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇଥିଲେ। ଉତ୍ସବ ପୂର୍ବରୁ ସମ୍ପାଦକ ସତପଥୀ ଜଗତ୍‌ସିଂହପୁର ଜିଲାର ଆରାଧ୍ୟ ଦେବୀ ମା' ସାରଳାଙ୍କ ଦର୍ଶନ କରିବାକୁ ଯାଇଥିଲେ। ସେଠାରେ ମା' ସାରଳା ମନ୍ଦିର ସେବାୟତ ଓ ପଣ୍ଡାମାନଙ୍କ ପକ୍ଷରୁ ବଡ଼ପଣ୍ଡା ରଞ୍ଜନ କୁମାର ପଣ୍ଡା, ତ୍ରିଲୋଚନ ରାଉଳ, ମୁଖ୍ୟ ସେବକ ରମେଶ ଚନ୍ଦ୍ର ରାଉଳ, ବିଶ୍ୱରଞ୍ଜନ ରାଉଳ ଏବଂ ହରେକୃଷ୍ଣ ନାୟକ ପ୍ରମୁଖ ସମ୍ପାଦକ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସେହିପରି ସଂସ୍କୃତି ଭବନ କାର୍ଯ୍ୟକ୍ରମରେ ଇନସାଫ୍ (ଆଇଡିଆଲ ନ୍ୟାଶନାଲ ସୋସାଇଟି ଫର ଆୱାରନେସ୍ ଆଣ୍ଡ ଫର୍ଦରେନ୍ସ) ସଭାପତି ଗୌରାଙ୍ଗ ଚରଣ ହୋତା, ବୈଷୟିକ ଉପଦେଷ୍ଟା ଉତ୍କଳ ରଞ୍ଜନ ମହାନ୍ତି ଓ ଉପଦେଷ୍ଟା ବଂଶୀଧର ପଟ୍ଟନାୟକ, ଓଡ଼ିଶା ପାଠକ ସାମୁଖ୍ୟ ଜଗତ୍‌ସିଂହପୁର ଶାଖା ପକ୍ଷରୁ ସଭାପତି ପ୍ରଦୀପ କୁମାର ଶତପଥୀ, ସମ୍ପାଦକ ବିପ୍ଳବ ଚୌଧୁରୀ, ଉପସଭାପତି ବିଜୟ କୁମାର ରାଉତ ଓ କୃଷ୍ଣଚନ୍ଦ୍ର ପ୍ରଧାନ, ପାରାଦୀପର ଆହ୍ୱାନ ଫାଉଣ୍ଡେସନ୍, ଅରଣ୍ୟ ଅଭିଯାନର ସନ୍ତୋଷ କୁମାର ପ୍ରଧାନ, ଚୈତନ୍ୟ ଚରଣ ଦାସ, ଶକ୍ତିଧର ମିଶ୍ର ଓ ସ୍ଥାନୀୟ ଅଞ୍ଚଳର ସୁଶାନ୍ତ ରଞ୍ଜନ ସ୍ୱାଇଁ, ଦେବାଶିଷ ସ୍ୱାଇଁ, ସମୀର ସାହାଣୀ, କୃଷ୍ଣଚନ୍ଦ୍ର ସେଠୀ, ଶ୍ରୀନିବାସ ପାତ୍ର, କାହ୍ନୁ ଚରଣ ନାୟକ, ଦେବେନ୍ଦ୍ର ବେହେରା, ପ୍ରୀତିରଞ୍ଜନ ରାଉଳ ଓ ଭ୍ରମରବର ସ୍ୱାଇଁ ଧରିତ୍ରୀ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜଗତ୍‌ସିଂହପୁରସ୍ଥିତ ଶ୍ରୀଅରବିନ୍ଦ ନିବାସ ଟ୍ରଷ୍ଟ ବୋର୍ଡ ସହାୟତାରେ ମାତୃ ସଙ୍ଗୀତ ଗାନ କରିଥିଲେ ସବିତା ତ୍ରିପାଠୀ। ଉତ୍ସବରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଭାଜପା ନେତା ରାଜକିଶୋର ବେହେରା, ସାମାଜିକ କର୍ମୀ ସୁରେଶ ଚୌଧୁରୀ, ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସାମାଜିକ କର୍ମୀ ବିନାୟକ ପଟ୍ଟନାୟକ ଓ ସୁଷମା ପ୍ରଧାନ, ପ୍ରଶାନ୍ତ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ।

## ୨ ବାଇକ୍ ଧକ୍କା: ଜଣେ ମୃତ, ୪ ଗୁରୁତର

ଅସ୍ତରଙ୍ଗ,୧।୧୦(ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ):

ଅସ୍ତରଙ୍ଗ ଥାନା ଉକୁଳେଇ ଛକ ନିକଟରେ ରବିବାର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ଗୁରୁତର ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଉକୁଳେଇ ମନ୍ଦିର ଦର୍ଶନ ପାଇଁ ଅସ୍ତରଙ୍ଗ ପଥରପକା ଗାଁର ବସନ୍ତ ନାୟକ ତାଙ୍କର ୨ ସମ୍ପର୍କୀୟ ଝିଆରୀ ଓସ୍ତପୁର ଗାଁର ଲିସି ସେନାପତି ଓ ଜଗତ୍‌ସିଂହପୁର ଜିଲା ଆମ୍ବପଡ଼ା ଗାଁର ବିୟୁଟି ଖୁଣ୍ଟିଆଙ୍କୁ ନେଇ ଏକ ବାଇକ୍ ଯୋଗେ ଯାଉଥିଲେ। ଏହି ସମୟରେ ଅନ୍ୟ ଏକ ବାଇକ୍‌ରେ କାକଟପୁରରୁ ଓଲିହାଁ ଗାଁର ଅଭିଜିତ ବିଶ୍ୱାଳ ଓ ଲାଲ୍‌ମୋହନ ପାତ୍ର ଆସୁଥିଲେ। ବାଇକ୍ ଦ୍ୱୟ ଉକୁଳେଇ ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଅଭିଜିତଙ୍କୁ ମୃତ ଘୋଷଣା କରିଥିଲେ। ପରେ ସେମାନଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତାହତଙ୍କ ପରିବାରକୁ କ୍ଷତିପୂରଣ ସହ ଜିଉଁନ୍ତି ଛକ ଓ ଉକୁଳେଇ ଛକରେ ହମ୍ପ ନିର୍ମାଣ ଦାବି କରି କାକଟପୁର-ଅସ୍ତରଙ୍ଗ ରାସ୍ତାର ଉକୁଳେଇ ଛକଠାରେ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମ୍ଲାନ



@ ଅକୁଦାସ



@ ସ୍ମିତିରଞ୍ଜନ



@ ସୂର୍ଯ୍ୟ



@ ଯାମାକି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବସ୍ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

## ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ଛାନ୍‌ଭିନ୍

ସିଂହପୁର,୧।୧୦(ଅନଙ୍ଗ ଉଦୟ ବେଉରିଆ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଓଳେଇ ଚନ୍ଦନପୁର ପଞ୍ଚାୟତ ଓଳେଇ ଗ୍ରାମର ବସ୍ ଚାଳକ ପ୍ରିୟରଞ୍ଜନ ଧଳ(୩୩)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ରବିବାର ସକାଳୁ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟ ନିକଟ ଦରିଆ ନାହାକାଣୀ ରାସ୍ତାର ଏକ ନାଳରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକେ, ଗ୍ରାମବାସୀ ପହଞ୍ଚି ବିଞ୍ଝାରପୁର ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଏହା ଏକ ହତ୍ୟା କାଣ୍ଡ ବୋଲି ସନ୍ଦେହ କରିଥିଲା। ତେଣୁ ସାଇଣ୍ଟିଫିକ୍ ଟିମର ସହାୟତା ଲୋଡ଼ିଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ନାଳରୁ ବିଞ୍ଝାରପୁର ଅଗ୍ନିଶମ ବାହିନୀ ମୃତଦେହକୁ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପ୍ରିୟରଞ୍ଜନଙ୍କ ବେକର ଏକ ୨୦ ଫୁଟରୁ ଅଧିକ ଲମ୍ବର ଉଦଡି ଗୁଡ଼ାଯାଇଥିଲା। ଉକ୍ତ ଦଉଡିକୁ ନିକଟରେ ଥିବା ଏକ ଗଛ ଡାଳରେ ବନ୍ଧା ଯାଇଥିଲା। ତେଣୁ ସନ୍ଦେହ ଆହୁରି ବଢୁଥିବା କୁହାଯାଉଛି। ପ୍ରିୟରଞ୍ଜନଙ୍କ ଡାହାଣ ଆଖି ପତାରେ କ୍ଷତ ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଟିକନିକ ସୁରାଗ ସନ୍ଧାନରେ ରହିଥିବାବେଳେ ପୋଲିସ ଘଟଣାର ଖିଅ ଖୋଜିବା ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ କଲେଜ ରୋଡରେ ଥିବା କେତେକ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ବିଞ୍ଝାରପୁର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସେହିପରି ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ସଭିଙ୍କ ନଜର ରହିଛି।

# ଧରାପଡ଼ିଲା ନିମ୍ନମାନର ଚାଉଳ



- ପଙ୍କାଳସାହି ମିଲରଙ୍କ ୧୭୪୦ କୁଇଣ୍ଟାଲ ଚାଉଳ ଫେରିବ
- ବାରମ୍ବାର ନିମ୍ନମାନର ଚାଉଳ ଯୋଗାଣ ସତ୍ତ୍ୱେ ନାହିଁ କାର୍ଯ୍ୟାନୁଷ୍ଠାନ

ନୟାଗଡ଼,୧।୧୦(ଲୋକନାଥ ମିଶ୍ର)

ଭାରତର ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ସ୍ୱୀକୃତିପ୍ରାପ୍ତ ପରୀକ୍ଷା ଏବଂ କାଲିବ୍ରେଶନ ଲାବୋରୋଟାରିକୁ ଜିଲାର ୮ ମିଲରଙ୍କ ଚାଉଳ ନମୁନା ପରୀକ୍ଷା ପାଇଁ ଗତ ଅଗଷ୍ଟ ମାସରେ ଯାଇଥିଲା । ଏଥିରୁ ୭ ମିଲରଙ୍କ ଚାଉଳ ଠିକ୍ ଥିବାବେଳେ ଜୟ ମହାବୀର ଫୁଡ୍ ପ୍ରଡକ୍ଟସ ପଙ୍କାଳସାହି ଦଶପଲ୍ଲା ମିଲରଙ୍କ ଚାଉଳ ପାସ୍ ନ ହେବା ନିମ୍ନମାନର ଚାଉଳ ଯୋଗାଇଥିବା ପ୍ରମାଣିତ ହୋଇଛି । ଏଣୁ ସମ୍ପୃକ୍ତ ମିଲରଙ୍କ ଚାଉଳ ଖାଉଟି କେନ୍ଦ୍ରକୁ ଯୋଗାଣ ନ କରିବାକୁ ରାଜ୍ୟ ଯୋଗାଣ ନିଗମ ଚିଠି ନଂ. ୩୭୬୪,୨୧।୯।୨୦୨୩ରେ କାନକଟା ଚାଉଳ ଗୋଦାମର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ସ୍ଥଳେ ଜୟ ମହାବୀର ଫୁଡ୍ ପ୍ରଡକ୍ଟସ ପଙ୍କାଳସାହିର ୧୭୪୦ କୁଇଣ୍ଟାଲ ଚାଉଳ ଗୋଦାମରୁ ମିଲ୍‌କୁ ଫେରିଯିବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ଜୟ ମହାବୀର ଫୁଡ୍ ପ୍ରଡକ୍ଟସ ପଙ୍କାଳସାହି ପକ୍ଷରୁ ବିଭିନ୍ନ ସମୟରେ କାନକଟାସ୍ଥିତ ଚାଉଳ ଗୋଦାମକୁ ବାରମ୍ବାର ନିମ୍ନମାନର ଚାଉଳ ଯୋଗାଣ ସତ୍ତ୍ୱେ ମିଲରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହୋଇ ଆସୁଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲାରେ ଗୋଟିଏ ଚାଉଳ ଗୋଦାମ ଓ ୨ ଚାଉଳ ସଂଗ୍ରହ କେନ୍ଦ୍ର ରହିଛି । ଗୋଡିସାହି ଓ କଦଳୀବନ୍ଧଠାରେ ରାଜ୍ୟ ଚାଉଳ ସଂଗ୍ରହ କେନ୍ଦ୍ର ରହିଥିବାବେଳେ କାନକଟାଠାରେ ଚାଉଳ ଗୋଦାମ ରହିଛି । ଚାଉଳ ଗୋଦାମ ହେଉ କି ଚାଉଳ ସଂଗ୍ରହ କେନ୍ଦ୍ର ପ୍ରତିଟି ସ୍ଥାନକୁ କେତେଜଣ ମିଲର ନିମ୍ନମାନର ଚାଉଳ ଯୋଗାଣ କରୁଥିବା ଅଭିଯୋଗ ହୋଇ ଆସୁଛି । ଅଧିକାଂଶ ସମୟରେ ଅଭିଯୋଗ ବାହାରକୁ ଆସୁଛି । ହେଲେ ଏକାଧିକ ଥର ଆପୋସ ସମାଧାନ ମାଧ୍ୟମରେ ନେଣଦେଣ କାରବାରରେ ନିମ୍ନମାନର ଚାଉଳ ଯୋଗାଣ ପ୍ରସଙ୍ଗ ଲୁଚି ଯାଉଛି । ଗୋଡିସାହି ଓ କଦଳୀବନ୍ଧଠାରେ ଦୁଇ ଜଣ ପ୍ରୋକ୍ୟୁରମେଣ୍ଟ ଇନ୍ସପେକ୍ଟର ଚାଉଳ ସଂଗ୍ରହ କେନ୍ଦ୍ରର ଦାୟିତ୍ୱରେ ଅଛନ୍ତି। କାନକଟା ଚାଉଳ ଗୋଦାମରେ ଜଣେ ସୁପରିଣ୍ଟେଣ୍ଡେଣ୍ଟ ଓ ଜଣେ ପ୍ରୋକ୍ୟୁରମେଣ୍ଟ ଇନ୍ସପେକ୍ଟର ଅନୁରୂପ ଭାବେ ଦାୟିତ୍ୱରେ ଅଛନ୍ତି । କିଛି ମାସ ତଳେ କାନକଟା ଚାଉଳ ଗୋଦାମର ସୁପରିଣ୍ଟେଣ୍ଡେଣ୍ଟ ସୁରଜିତ ମହାନ୍ତିଙ୍କ ବଦଳି ହୋଇଥିଲା। ସେ ରିଲିଫ୍ ହେବା ପୂର୍ବରୁ ୨ ଲଟ୍ ଚାଉଳ ନିମ୍ନମାନର ଦର୍ଶାଯାଇ ଗୋଦାମ ବାହାରେ ରଖିଥିଲେ। କାନକଟା ଚାଉଳ ଗୋଦାମରେ ନୂଆ ସୁପରିଣ୍ଟେଣ୍ଡେଣ୍ଟ ଭାବେ ରାମଚନ୍ଦ୍ର ବେହେରା ଯୋଗ ଦେବା ପରେ ତାଙ୍କ ସମୟରେ ୪ ଲଟ୍ ଚାଉଳ ଗୋଦାମ ବାହାରେ ଥିଲା । ଦୁଇ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମୟରେ ୬ ଲଟ୍ ଚାଉଳ ଯାହାକି ପ୍ରାୟ ୧୮୦୦ କୁଇଣ୍ଟାଲ ଫେରିଥିଲା । ସେହି ଚାଉଳକୁ ଜୟ ମହାବୀର ଫୁଡ୍ ପ୍ରଡକ୍ଟସ ମିଲର ଗତ ଜୁଲାଇ ୨୫ ତାରିଖରେ ଫେରାଇ ନେଇଥିଲେ । ସେହିଭଳି ଗତ ମାର୍ଚ୍ଚରେ ଏହି ଗୋଦାମରେ ୫୮୦ କୁଇଣ୍ଟାଲ ଚାଉଳ ପଡି ରହିଥିଲା । ଜୟ ମହାବୀର ଫୁଡ ପ୍ରଡକ୍ଟସ ମିଲର ଏହି ଚାଉଳ ଦେଇଥିଲେ । ଗୋଦାମକୁ ଆସିଥିବା ଚାଉଳ ନିମ୍ନମାନର ଦର୍ଶାଇବା ପରେ ତତ୍କାଳୀନ ସୁପରିଣ୍ଟେଣ୍ଡେଣ୍ଟ ସୁରଜିତ ମହାନ୍ତିଙ୍କୁ ମାରପିଟ୍ କରାଯାଇଥିଲା । ଏନେଇ ଶରଣକୁଳ ଥାନାରେ ମାମଲା ହୋଇଥିଲା। ଯାହା କୋର୍ଟରେ ବିଚାରାଧୀନ ଅଛି । ବାରମ୍ବାର ଗୋଦାମରୁ ଚାଉଳ ଫେରିବା ଓ ଲାବୋରେଟୋରିରେ ଚାଉଳର ମାନ ଠିକ୍ ନ ଥିବା ଜଣାପଡିବା ପରେ ପ୍ରଶ୍ନ ଉଠୁଛି ମିଲରଙ୍କ ପ୍ରତି ଯୋଗାଣ ବିଭାଗ କାହିଁକି ଅନୁକମ୍ପା ଦେଖାଉଛି । ନୟାଗଡ଼ ଜିଲାର ମିଲରମାନେ ଧାନମଣ୍ଡିରୁ ଚାଷୀଙ୍କଠାରୁ ଉତ୍କୃଷ୍ଟ ମାନର ଧାନ କିଣୁଛନ୍ତି । ଧାନରେ ମାନ ଖରାପ ଦର୍ଶାଇ କଟ୍‌ନୀଛଟ୍‌ନୀ କରି ପୁଣି ୧୦ରୁ ୧୫ କେଜି କୁଇଣ୍ଟାଲ ପିଛା କାଟୁଛନ୍ତି । ତେବେ ସରକାରଙ୍କୁ ଚାଉଳ ଫେରାଇ ବେଳେ ନିମ୍ନମାନର ଚାଉଳ କାହିଁକି ଫେରାଇବେ । ମାନ ପରୀକ୍ଷଣ ପରେ ଯଦି ଏଭଳି ଘଟଣା ନଜରକୁ ଆସୁଛି ତେବେ ସେମାନଙ୍କ ଚାଉଳ ଫେରାଇବା ସମୟରେ ରିଜେକ୍ସନ ନୋଟ୍ କଟାଯାଉନି କାହିଁକି । ରିଜେକ୍ସନ ନୋଟ୍ କଟାଗଲେ ମିଲରମାନେ ନିମ୍ନମାନର ଚାଉଳ ଦେବାକୁ ଭୟ କରନ୍ତେ । ତେବେ ଚାଉଳ ଗୋଦାମ ସୁପରିଣ୍ଟେଣ୍ଡେଣ୍ଟ ଓ ଚାଉଳ ସଂଗ୍ରହ କେନ୍ଦ୍ରର ପ୍ରୋକ୍ୟୁରମେଣ୍ଟ ଇନ୍ସପେକ୍ଟର ଯଦି ଜିଲା ଯୋଗାଣ ଅଧିକାରୀଙ୍କୁ ଅବଗତ କରାଇ ଥାନ୍ତେ ଗୋଦାମକୁ ଆଉ ନିମ୍ନମାନର ଚାଉଳ ଯୋଗାଣ ହେଉ ନ ଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଏନେଇ ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି କୁହନ୍ତି, ଜୟ ମହାବୀର ଫୁଡ୍ ପ୍ରଡକ୍ଟସର ଚାଉଳ ଲାବୋରେଟୋରିରେ ପାସ୍ ନ ହେବା ନିମ୍ନମାନର ଚାଉଳ ବୋଲି କୁହାଯିବନି । ଏଥିରେ ଏଫ୍‌ଆର୍‌କେ ମାନ କମ୍ ରହିଥିବାରୁ ବୋଧେ ପାସ୍ ହୋଇ ନାହିଁ । ସତ୍ୟାସତ୍ୟ ଜାଣିବା ପାଇଁ ପୁଣି ଏକ ଲାବୋରେଟୋରିକୁ ମାନ ପରୀକ୍ଷା ପାଇଁ ପଠା ଯାଇଛି ।

## ଭସାଣି ଶୋଭାଯାତ୍ରାରେ ଡିଜେ ବ୍ୟବହାର ବନ୍ଦ

### ଆମ ପୋଲିସ ସମିତି ବୈଠକ

ଖଣ୍ଡପଡ଼ା,୧।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ରବିବାର ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡ଼ିପିଓ ପ୍ରଭାତ କୁମାର ମଲିକ ବୈଠକରେ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବିମାନଙ୍କ ସହ ଆଲୋଚନା କରିଥିଲେ। ଏହାଛଡା ଆସନ୍ତା ପାର୍ବଣଋତୁ ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଲିକ ସୂଚନା ପ୍ରଦାନ କରିଥିଲେ। ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନେ ବିଭିନ୍ନ କ୍ଷେତ୍ରରେ ପୋଲିସକୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଦିନବେଳା ଯାତାୟତ କରୁଥିବା ଭାରୀଯାନ ଗୁଡ଼ିକର ଚଳାଚଳ ଉପରେ ପୋଲିସ ପକ୍ଷରୁ କଟକଣା ଲାଗୁ କରାଯାଇଥିବା ବେଳେ ମେଢ ଭସାଣୀ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଡ଼ିଜେ ସାଉଣ୍ଡ ସମ୍ପୂର୍ଣ୍ଣ ବନ୍ଦ କରିବା ଉପରେ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି । ଖଣ୍ଡପଡ଼ା ଥାନା ଅଧୀନରେ କୋସ୍‌କା, ଗଡ଼ିଆସାହି ଓ କଣ୍ଟିଲୋ ଫାଣ୍ଡି କାର୍ଯ୍ୟ କରୁଥିବା ବେଳେ ଏସବୁ ଇଲାକାରେ ନିଶାଦ୍ରବ୍ୟର ଅବାଧ କାରବାର ଉପରେ ରୋକ୍ ଲଗାଯାଇଥିବା ନେଇ ପୋଲିସ୍ ସୂଚନା ଦେଇଛି। ପାର୍ବଣ ସମୟରେ ଯଦି କୌଣସି ସ୍ଥାନରେ କିଛି ଦୁର୍ଘଟଣା କିମ୍ବା ଅଘଟଣ ଘଟେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ବୈଠକରେ ଉପସ୍ଥିତ ବୁଦ୍ଧିଜୀବି ଓ ବରିଷ୍ଠ ନାଗରିକମାନଙ୍କୁ ସେ ନିବେଦନ କରିଥିଲେ।




ଆମ ପୋଲିସ ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ ଓ ପୋଲିସ ଅଧିକାରୀ।

## ଶରଣକୂଳ ମହାବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଶରଣକୁଳ,୧।୧୦(ଦୀପକ କର)

ଶରଣକୂଳ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ତରଫରୁ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ଶ୍ରମଦାନ କରି ମହାବିଦ୍ୟାଳୟ ପରିସର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସଫା କରିଥିଲେ । ଜାତୀୟ ସେବା ସଂସ୍ଥାର ଏହି ଶିବିରରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଫେସର ଯୋଗେଶ୍ୱର ନାୟକ, ଅଧ୍ୟକ୍ଷ ବସନ୍ତ କୁମାର ରଥ, ମହାବିଦ୍ୟାଳୟର ଅଧ୍ୟାପିକା,ଅଧ୍ୟାପକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଅପରାହ୍ନରେ ଆୟୋଜିତ ସଭାରେ ସ୍ୱେଚ୍ଛାସେବୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛତା ଉପରେ ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ସଭାରେ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ନାୟକ ମହାବିଦ୍ୟାଳୟର ଶିକ୍ଷାର୍ଥୀମାନେ ସମାଜସେବା ସଂସ୍ଥା ମାଧ୍ୟମରେ କିପରି ସମାଜ ଉପଯୋଗୀ ନାଗରିକ ହୋଇ ପାରିବେ ତାହା କହିଥିଲେ । ଅଧ୍ୟକ୍ଷ ବସନ୍ତ କୁମାର ରଥ ସ୍ୱଚ୍ଛତା ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବାସଂସ୍ଥା ଅଧିକାରିଣୀ ଅଧ୍ୟାପିକା ପ୍ରତିମା ବେହେରା ପରିଚାଳନା କରିଥିଲେ। ସେହିପରି ଶରଣକୂଳ ପଞ୍ଚାୟତ ତରଫରୁ ଲକ୍ଷ୍ମୀ ମନ୍ଦିର ପୁଷ୍କରଣୀ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଶରଣକୂଳ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶରଣକୂଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଉପସ୍ଥିତ ଥିଲେ । ଭାରତୀୟ ଷ୍ଟେଟ ବ୍ୟାଙ୍କ, ଶରଣକୂଳ ଶାଖା ତରଫରୁ ଶାଖା ପରିଚାଳକ ଜିତେନ୍ଦ୍ର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କ କର୍ମଚାରୀ ରାମକୃଷ୍ଣ ପ୍ରଧାନ, ଲକ୍ଷ୍ମୀଧର ନାୟକ, ସନ୍ତୋଷ କୁମାର ଷଡ଼ଙ୍ଗୀ, ଅନିଲ ଜେନା, ଭାବଗ୍ରାହୀ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରି ଶରଣକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଫେଇ କରିଥିଲେ ।



ଛାତ୍ରୀମାନେ ରାସ୍ତା ସଫେଇ କରୁଛନ୍ତି।

## ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି, ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା

ଖଣ୍ଡପଡ଼ା,୧।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ୨ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଛି। ତହସିଲଦାର ଲିପ୍ସା ରାୟ ଓ ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲିକଙ୍କ ଏକ ସଙ୍ଗରେ ଅନ୍ୟତ୍ର ବଦଳି ହୋଇଛି। ଫଳରେ ତହସିଲ କାର୍ଯ୍ୟାଳୟ ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି। ତେବେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଭାପୁର ତହସିଲଦାର ଲଗ୍ନଜିତ୍ ବେହେରାଙ୍କୁ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଭାପୁର ତହସିଲଦାର ବେହେରା ଭାପୁର ତହସିଲ କାର୍ଯ୍ୟାଳୟ ସମେତ ଭାପୁର ଉପ-ନିବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଜଣେ ପ୍ରଶାସନିକ ଅଧିକାରୀ ଏକ ସଙ୍ଗରେ ୩ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟର ଦାୟିତ୍ୱରେ ରହିଥିବାରୁ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ପାଇଁ ସେ ସେତେଟା ସମୟ ଦେଇ ପାରୁନାହାନ୍ତି । ଫଳରେ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟକୁ ଆଖପାଖ ଅଞ୍ଚଳରୁ ଆସୁଥିବା ଜନସାଧାରଣ ଆବଶ୍ୟକ ସେବା ପାଇବାରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ତହସିଲ କାର୍ଯ୍ୟାଳୟରେ ୨ଜଣ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମ୍ଳାନ



@ ଆକ୍ୟୁଦାସ ମହାନ୍ତ



@ ସ୍ମିତିରଞ୍ଜନ



@ ସୂର୍ଯ୍ୟ



@ ଜାମାକି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶୌର୍ଯ୍ୟ ଜାଗରଣ ଯାତ୍ରା ରଥକୁ ସ୍ୱାଗତ ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୧।୧୦(ଅଜୟ କୁମାର ମହାରଣା)

ଶୌର୍ଯ୍ୟ ଜାଗରଣ ଯାତ୍ରା ରଥକୁ ଖଣ୍ଡପଡ଼ା ଠାରେ ସ୍ୱାଗତ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶାନ୍ତନୁ କୁମାର ସ୍ୱାଇଁ, ସହପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ଭଗବାନ ସାହୁ, ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ସ୍ୱରୂପ ପଟ୍ଟନାୟକଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଆସନ୍ତା ଅକ୍ଟୋବର ୮ରେ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ଯୁବ ସମାବେଶ ସମ୍ପର୍କରେ ଆଲୋଚନା ହୋଇଥିଲା। ବରିଷ୍ଠ କାର୍ଯ୍ୟକର୍ତ୍ତା ପରାଶର ମିଶ୍ର, ସଙ୍ଗଠକ ଜିତେନ୍ଦ୍ର କାଟିଆ, ସୁଶାନ୍ତ ମହାରଣା, ପରମେଶ୍ୱର ମହାନ୍ତି, ପ୍ରକାଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା କ୍ରମେ ଆସନ୍ତା ୫ ତାରିଖ ସନ୍ଧ୍ୟାରେ ଖଣ୍ଡପଡ଼ା ସହରରେ ରଥ ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ରଥକୁ କିପରି ସ୍ୱାଗତ କରାଯିବ ସେ ନେଇ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା।

## ଆଇଭରୀ ଉଡ଼ ୱାର୍କସ୍ ସୋସାଇଟି ଜରାଜୀର୍ଣ୍ଣ

ଖଣ୍ଡପଡ଼ା,୧।୧୦(ଅଜୟ କୁମାର ମହାରଣା

ଖଣ୍ଡପଡ଼ା ସହରର ଜେଲ୍ ନିକଟରେ ଥିବା ହସ୍ତୀଦନ୍ତ ଓ କାଷ୍ଠ କାରିଗରୀ ସମିତି ଗୃହ(ଆଇଭରୀ ଉଡ଼ ୱାର୍କସ୍ ଇଣ୍ଡଷ୍ଟ୍ରିଆଲ କୋପରେଟିଭ ସୋସାଇଟି)ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଦୀର୍ଘଦିନରୁ ପଡି ରହିଛି । ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଏହାର ଉନ୍ନତି ଦିଗରେ ବାଧକ ସାଜିଥିବା ସୋସାଇଟିର ସଦସ୍ୟମାନେ ଅଭିଯୋଗ କରି ଆସୁଛନ୍ତି। ତେବେ ବିଧି ବ୍ୟବସ୍ଥା କ୍ରମେ ସମିତିର କର୍ମକର୍ତ୍ତା ଆବଶ୍ୟକ କାଗଜପତ୍ର ଓ ଅଡିଟି ରିପୋର୍ଟ ସଂପାଦନ କରିବାରେ ଅବହେଳା କରୁଥିବାରୁ ଏଦିଗରେ ପଦକ୍ଷେପ ନିଆଯାଇପାରୁନି ବୋଲି ସୂଚନା ମିଳୁଛି ।

ପ୍ରକାଶ ଯେ, କୁହୁରା ସାହି ୭ନଂ. ୱାର୍ଡ ସହିତ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳରେ ବସବାସ କରୁଥିବା ୪୦ରୁ ଊର୍ଦ୍ଧ୍ୱ ଶିଙ୍ଗ ଓ କାଠ କାରିଗର ପରିବାର ମୁଖ୍ୟତଃ ଶିଙ୍ଗ, ବିଭିନ୍ନ ଜାତିର କାଠରେ ହଂସ, ବଗ, ବାଘ, ସିଂହ, କାଉ ଏବଂ ହରିଣ ଆଦି ଘରସଜା ସାମଗ୍ରୀ




ଆଇଭରି ଉଡ଼ ୱାର୍କସ୍ ସୋସାଇଟିକୁ ବୁଲିବାକୁ ଆସିଥିବା ଉତ୍କଳିକାର କର୍ମକର୍ତ୍ତା।

### ସ୍ଥିତି ବୁଲି ଦେଖିଲେ ଉଚ୍ଚ କର୍ତ୍ତୃପକ୍ଷ

ପ୍ରସ୍ତୁତ କରିଥାଆନ୍ତି। ସେହି ସାମଗ୍ରୀକୁ ବିଭିନ୍ନ ଗାଁ, ସାହି ତଥା ମେଳାରେ ବିକ୍ରୟ କରି ପରିବାର ପ୍ରତିପୋଷଣ କରନ୍ତି । ସମ୍ପୃକ୍ତ କାରିଗରମାନେ ଏକତ୍ର ହୋଇ ୧୯୭୮ରେ ୫୪ ଜଣ ସଦସ୍ୟ ବିଶିଷ୍ଟ କୁହୁରା କାରିଗରଙ୍କୁ ନେଇ ଖଣ୍ଡପଡ଼ାରେ ଏକ ଆଇଭରୀ ଉଡ଼ ୱାର୍କସ୍ ଇଣ୍ଡଷ୍ଟ୍ରିଆଲ କୋପରେଟିଭ ସୋସାଇଟି ଗଠନ କରିଥିଲେ । ଯାହାର ରେଜିଷ୍ଟ୍ରେଶନ ନମ୍ବର ୧୧୩/ ପିୟୁ ୨୫।୫।୧୯୭୮ । ଅତୀତରେ ସୋସାଇଟି ଚାଲୁଥିବା ବେଳେ ଏଥିରେ ସଦସ୍ୟ ଥିବା କାରିଗର ସେମାନଙ୍କ କଳାକୃତୀ ଦ୍ୱାରା ଭଲ ଦି' ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ । ମାତ୍ର ପରବର୍ତ୍ତୀ ସମୟରେ ସରକାରୀ ପ୍ରୋତ୍ସାହନ ଅଭାବରୁ ସୋସାଇଟିର ଅବସ୍ଥା ଦୟନୀୟ ହୋଇ ପଡିଥିବା ବେଳେ ଆମ କୂଳ ବେଉସାରେ ପ୍ରତିବନ୍ଧକ ସୃଷ୍ଟି ହେଲା ବୋଲି ସଂପୃକ୍ତ ଅନୁଷ୍ଠାନର ସମ୍ପାଦକ ଅଚ୍ୟୁତାନନ୍ଦ ମହାରଣା ଓ ଏକାଧିକ ସଦସ୍ୟ ପ୍ରକାଶ କରିଛନ୍ତି । ଅପରପକ୍ଷେ ସୋସାଇଟି ଗୃହଟି ୧୯୯୯ ମହାବାତ୍ୟାରେ ନଷ୍ଟ ହୋଇ ଯାଇଥିଲା। ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ଜିଲା ପ୍ରଶାସନଠାରୁ ଆରମ୍ଭ କରି ଶିଳ୍ପ ବିଭାଗକୁ ଅବଗତ କରାଯାଇଥିଲା। ହେଲେ କୌଣସି ସରକାରୀ ସାହାଯ୍ୟ ମିଳି ନ ଥିବାରୁ ଗୃହଟି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । କାରିଗରମାନେ ସେମାନଙ୍କ କାରିଗରୀ କାର୍ଯ୍ୟ ବନ୍ଦ କରି ଦେଇଥିବା ବେଳେ ଏବେ ସୋସାଇଟିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି ।

ତେବେ ଗତ ଶନିବାର ଭୁବନେଶ୍ୱରସ୍ଥିତ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା କଲ୍ୟାଣୀ ପଟ୍ଟନାୟକ, ସଭାନେତ୍ରୀ ଦେବସ୍ମିତା ସାହୁ, ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ନୟାଗଡ଼ ହସ୍ତଶିଳ୍ପ ଅଧିକାରୀ ବାସୁଦେବ ଘଡ଼ାଇ, ନିଯୁକ୍ତି ଅଧିକାରୀ ପ୍ରୀତିଶ କୁମାର ବେହେରା, ଅନାମ ଗୌଡ଼, ପରାମର୍ଶ ଅଧିକାରୀ ଲକ୍ଷ୍ମୀଧର ବାରିକ, ପ୍ରଶିକ୍ଷକ ଡ଼ିଜାଇନର୍ ଦେବାଶିଷ ରାୟ ପ୍ରମୁଖ କଣ୍ଟିଲୋ କଂସାପିତଳ କାରିଗରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ପାଇଁ କଣ୍ଟିଲୋ ଆସିଥିବା ଅବସରରେ ଖଣ୍ଡପଡ଼ାରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଉକ୍ତ ସମିତି ଗୃହ ପରିଦର୍ଶନ କରିଥିଲେ। ମାଷ୍ଟର କ୍ରାଫ୍ଟସ୍‌ମ୍ୟାନ୍ ସୁଶାନ୍ତ ମହାରଣା, ପ୍ରଶାନ୍ତ କୁମାର ମହାରଣା, ବରିଷ୍ଠ କାରିଗର କୁଳମଣି ମହାରଣା, କୃଷ୍ଣ ମହାରଣା ପ୍ରମୁଖ ପ୍ରଶାସନିକ ଅଧିକାରୀମାନଙ୍କୁ ସମିତିଗୃହର ଦୟନୀୟ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ଖଣ୍ଡପଡ଼ା ଅଞ୍ଚଳର କାରିଗରମାନଙ୍କ ଦ୍ୱାରା କାଠ ଓ ସିଂଘରେ ନିର୍ମିତ ସୌଖିନୀ ସାମଗ୍ରୀଗୁଡ଼ିକର ବଜାର ଚାହିଦା ରାଜ୍ୟ ବାହାରେ କିଭଳି ରହିଛି ସେ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନଙ୍କୁ ବରିଷ୍ଠ କାରିଗରମାନେ ଅବଗତ କରାଇଥିଲେ। ଖୁବ୍‌ଶୀଘ୍ର ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସମିତିଗୃହର ପୁନରୁଦ୍ଧାର ପାଇଁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

